# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ......୪୩............ ତା ୦୧/୦୧/୨୬ ରିଖ

ପ୍ରାପେକ୍ଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୩୧.୧୨.୨୦୨୫ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୩୧.୧୨.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ ୦୧/୦୧/୨୬
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ......୪୮....../ତା ୦୧/୦୧/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେ଼ପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୦୧/୦୧/୨୬
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ......୪୯....../ତା ୦୧/୦୧/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୦୧/୦୧/୨୬
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ......୫୦....../ତା ୦୧/୦୧/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୦୧/୦୧/୨୬
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୩୧.୧୨.୨୦୨୫ ରିଖ ✷ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✷ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେ଼ପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୬. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୭. | ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୮. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୯. | ସେକ୍ ନୁର୍ ହାସନ୍ | ୱାର୍ଡ଼ ନଂ-୧୦ |
| ୧୦. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୧. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୨. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୩. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୪. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୫. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୬. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୧୭. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୧୮. | ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୧୯. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୦. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୧. | ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୨. | ଝରଣାରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୩. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୪. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୨୫. | ଶ୍ରୀଧର ଜେନା | ୱାର୍ଡ଼ ନଂ-୩୨ |
| ୨୬. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୨୭. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୨୮. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୨୯. | ଅଲିଅଳି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୦. | ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୧. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୨. | ଗିତାଞ୍ଜଳୀ ସାହୁ | ୱାର୍ଡ଼ ନଂ-୩୯ |
| ୩୩. | ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୪. | କବିତା ସ୍ୱାଇଁ | ୱାର୍ଡ଼ ନଂ-୪୧ |
| ୩୫. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୩୬. | ଭରତ କୁମାର ଲେଙ୍କା | ୱାର୍ଡ଼ ନଂ-୪୩ |
| ୩୭. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୩୮. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୩୯. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୦. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୧. | ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୨. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୩. | ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୪୪. | ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୪୫. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୬. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୪୭. | ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୪୮. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୪୯. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୦. | ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୧. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୨. | ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୩. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୪. | ଗୁରୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୫. | ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୬. | ସଙ୍ଗିତା ମୁଣ୍ଡ ଶରତ | ୱାର୍ଡ଼ ନଂ-୬୪ |
| ୫୭. | ରଶ୍ମିରଞ୍ଜନ ପାଟଶାଣୀ | ୱାର୍ଡ଼ ନଂ-୬୫ |
| ୫୮. | ଛବି ଦାଶ | ୱାର୍ଡ଼ ନଂ-୬୬ |
| ୫୯. | ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |
| ୬୦. | ହିମାଂଶୁ ଶେଖର ଛୋଟରାୟ<br>ମାନନୀୟା ଲୋକସଭା ସାଂସଦ, "ଭୁବନେଶ୍ୱର" ଙ୍କ ପ୍ରତିନିଧି | |

ଅଦ୍ୟ ତା ୩୧.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, ମାନନୀୟା ଲୋକସଭା ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି, କମିଶନର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର, ନଗର ଯନ୍ତ୍ରୀ, ନିଗମର ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, ମାନନୀୟା ଲୋକସଭା ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି, ସମସ୍ତ କର୍ପୋରେଟର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ନୂତନ ବର୍ଷ ୨୦୨୬ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆମେ ବହୁତ କାମ ହାତକୁ ନେଇଅଛୁ ଏବଂ ବହୁ କ୍ଷେତ୍ରରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହୋଇଅଛେ । ଭାରତର ବଡ଼ ବଡ଼ ସହରର ପ୍ରତିନିଧି ଆମ ସହରକୁ ଶିଖିବା ପାଇଁ ଆସୁଛନ୍ତି ଏବଂ ବହୁ ଜ୍ଞାନ ନେଇ ଯାଉଛନ୍ତି, ଗଲାବେଳେ ବହୁ ପ୍ରଶଂସା ମଧ ଦେଇ ଯାଉଛନ୍ତି । ଆସନ୍ତା ମାସ ତା ୦୪.୦୧.୨୦୨୬ ରିଖ, ତା ୧୮.୦୧.୨୦୨୬ ରିଖ ଓ ତା ୦୧.୦୨.୨୦୨୬ ରିଖରେ ତିନି ଗୋଟି ଜୋନ୍‌ରେ ପଥ ଉତ୍ସବ ଅନୁଷ୍ଠିତ ହେବ । ଜୋନ୍‌ର କଳା, ସଂସ୍କୃତି ଓ ବିଷୟବସ୍ତୁକୁ ନେଇ ପଥ ଉତ୍ସବ କରାଯିବ । ଆପଣ ମାନେ ନୂତନ ପ୍ରସ୍ତାବ ଦେଲେ ତାହା ସ୍ଥାନ ଦିଆଯିବ । ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନ କାର୍ଯ୍ୟ ପାଇଁ ବିଲ୍ ପଇଠ ନିମନ୍ତେ ସମସ୍ୟା ଥିଲା ଏବେ ବିଲ୍ ପଇଠ ହେଉଅଛି । ମୁକ୍ତା ଓ ଜାଗାମିଶନ୍ କାର୍ଯ୍ୟର ବିଲ୍ ମଧ ପଇଠ ହୋଇଅଛି । ନୂତନ ଉନ୍ନୟନ କାର୍ଯ୍ୟ ଆମକୁ କରିବାକୁ ପଡ଼ିବ । ଆମେ ଯେତେ କାମ କରିବା ସରକାରଙ୍କ ଠାରୁ ଅର୍ଥ ମିଳିବ, ଏଥିପାଇଁ ୱାର୍ଡ଼ ମଧରେ ପ୍ରତିଯୋଗୀତା ହେବା ଆବଶ୍ୟକ, ଏବେ ଓଡ଼ିଶାର ପ୍ରତ୍ୟେକ ଅର୍ବାନ୍ ବଡ଼ି ମଧରେ ପ୍ରତିଯୋଗିତା ଚାଲିଅଛି । ଏବେ ଠାରୁ ସ୍ୱଚ୍ଛ ସର୍ବେକ୍ଷଣ ଆରମ୍ଭ ହେବ, ନାଗରିକ ମାନଙ୍କର ମତାମତ ନିଆଯିବ, ଲୋକଙ୍କ ମତାମତ ଅନୁଯାୟୀ କାର୍ଯ୍ୟ କରାଯିବ । ଆମେ ସ୍ୱଚ୍ଛ ସର୍ବେକ୍ଷଣରେ ଭାରତରେ ତିନି ନମ୍ବର ମଧରେ ରହିବାକୁ ଚେଷ୍ଟା କରିବା ଏଥିପାଇଁ ଆମକୁ ଲକ୍ଷ ନେଇ ଏବେ ଠାରୁ କାମ କରିବାକୁ ପଡ଼ିବ । ସଫେଇ ଏଜେନ୍ସି ମାନଙ୍କୁ ବେଶୀ ଦାୟିତ୍ୱ ଦେବାକୁ ପଡ଼ିବ, ଲୋକମାନଙ୍କର ସହଯୋଗ ରହିବା ଆବଶ୍ୟକ । ସାନିଟେସନ୍ କର୍ମଚାରୀଙ୍କୁ ପ୍ରେରଣା ଦେବାକୁ ପଡ଼ିବ । ଟି.ଟି.ଏସ୍ ର ମଧ ଦୃଶ୍ୟ ପରିବର୍ତନ କରିବାକୁ ପଡ଼ିବ । ବାଇଓମାଇନିଙ୍ଗ୍‌ରେ ଆମେ ଦେଢ ଏକର ଜାଗାରୁ ଅଳିଆ ଖାଲି କରିପାରିଛେ, ଦୟା ୱେଷ୍ଟ୍ କେନାଲ୍ ସଫା କରିବା ପାଇଁ ଅର୍ଥ ଦେବା ନିମନ୍ତେ ଆମ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ବାଇଓ ଗ୍ୟାସ୍ ପ୍ଲାଂଟ୍, ସହିଦନଗର ଅଡ଼ିଟୋରିୟମ୍, ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପ ପାଇଁ କାର୍ଯ୍ୟ ଆରମ୍ଭ ହୋଇଅଛି, ଆପଣ ମାନଙ୍କର ସହଯୋଗ ରହିଲେ ଆମେ ନିଶ୍ଚିତ ସଫଳ ହୋଇପାରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଡ଼େପୁଟି ମେୟର ସମସ୍ତଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଏ ବର୍ଷ ଆମେ ବହୁତ କାର୍ଯ୍ୟ କରିଅଛେ, ଯାହା କିଛି ଭୁଲ୍ ରହିଥିବ ତାହାକୁ ସଂଶୋଧନ କରିବା, ଭୁବନେଶ୍ୱରକୁ ସରସ ସୁନ୍ଦର କରି ଆଗକୁ ନେବାକୁ ପଡ଼ିବ । ଆସନ୍ତା ନୂତନ ବର୍ଷ ସମସ୍ତଙ୍କର ଦୀର୍ଘାୟୁ ଓ ମଙ୍ଗଳ କାମନା କରି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ସମସ୍ତଙ୍କୁ ୩୭ ତମ ସାଧାରଣ ବୈଠକକୁ ନମସ୍କାର ଓ ସ୍ୱାଗତ ଜଣାଇ କହିଥିଲେ ଯେ, ଆଜି ୨୦୨୫ ମସିହାର ଶେଷ କର୍ପୋରେସନ ବୈଠକ, ଆଉ କେତେ ଘଂଟା ପରେ ଆମେ ନୂତନ ବର୍ଷ ୨୦୨୬ କୁ ସ୍ୱାଗତ ଜଣାଇବା, ଆମେ ନୂତନ ସମ୍ଭାବନା ଓ ଉଦିପନାକୁ ନେଇ କାମ ଆରମ୍ଭ କରିବାକୁ ପଡ଼ିବ । ଆଜିର ବୈଠକ ଗୁରୁତ୍ୱପୂର୍ଣ୍ଣ, ଦୀର୍ଘ ସାଢେ ତିନି ବର୍ଷରେ ୩୭ ତମ ବୈଠକରେ ବସିଅଛେ । ଆମ୍ଭେମାନେ ଉତ୍ସର୍ଗୀକୃତ ଭାବେ କାମ କରିଅଛେ, ବହୁତ ସମ୍ମାନ ଓ ପୁରସ୍କାର ପାଇଅଛେ ସେଥିପାଇଁ ସମସ୍ତଙ୍କୁ ଯେଉଁମାନେ ଏବେ ଅଛନ୍ତି ଏବଂ ଯେଉଁମାନେ ଥିଲେ ତାଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଅଛି । ଭୁବନେଶ୍ୱର ମହାନଗର ନିଗମ ଏକ ଅଗ୍ରଣୀ ମହାନଗର ନିଗମ, ଦେଶର ବିଭିନ୍ନ ଅର୍ବାନ୍ ଲୋକାଲ୍ ବଡ଼ିରୁ ପ୍ରତିନିଧି ଶିଖିବା ପାଇଁ ଆସୁଛନ୍ତି, ସେମାନେ ଭଲ ଅନୁଭୂତି ନେଇ ଯାଉଛନ୍ତି । ଆଗରୁ ଆମେ ସ୍ୱଚ୍ଛ ସର୍ବେକ୍ଷଣରେ ୮୪ତମ ସ୍ଥାନରେ ଥିଲେ ଏବେ ନବମ ସ୍ଥାନରେ ଅଛେ ଆସନ୍ତା ବର୍ଷ ଆମେ ତୃତୀୟ ସ୍ଥାନରେ ରହିବା ପାଇଁ ଚେଷ୍ଟା କରିବା, ଆମେ ସମସ୍ତେ ଗୋଟିଏ ସରଳରେଖାରେ ଗୋଟିଏ ଲକ୍ଷ ନେଇ କାମ କଲେ ଆମେ ନିଶ୍ଚିତ ଲକ୍ଷରେ ପହଂଚିପାରିବା । ଯେଉଁମାନେ ତଳସ୍ତରରେ କାମ କରୁଛନ୍ତି ଓ ସଫେଇ କର୍ମଚାରୀଙ୍କ କଥା ଚିନ୍ତା କରିବା ଆବଶ୍ୟକ । ଆର୍ଥିକ ଅବସ୍ଥା ଯୋଗୁଁ ଉନ୍ନୟନ କାର୍ଯ୍ୟ ବନ୍ଦ ଥିଲା । ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷର କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ଆମକୁ ଉନ୍ନତିର ଚିନ୍ତା ନେଇ କାମ କଲେ ଆଗକୁ ଯାଇପାରିବା, ସମସ୍ତଙ୍କୁ ଅନୁରୋଧ ନୂଆ ସମ୍ଭାବନାକୁ ନେଇ କାମ କରିବା । ୨୦୨୬-୨୭ ଆର୍ଥିକ ବର୍ଷ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ, ଆମେ କେତେ ସଫଳତା କରିଛୁ ସେଥିପାଇଁ ଆମେ ଲୋକଙ୍କ ପାଖରେ ଉତରଦାୟୀ । ୨୦୨୫-୨୬

ଆର୍ଥିକ ବର୍ଷର ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ତା ୧୫.୦୧.୨୦୨୬ ରିଖ ସୁଧା ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ଆମର ଚବିଶି ଗୋଟି ୱାର୍ଡ଼ରେ ୱାର୍ଡ଼ ଅଫିସ୍ ଜାଗା ପାଇଁ ଅଟକି ରହିଅଛି । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିବି, କମିଶନର ମଧ ଚେଷ୍ଟା କରନ୍ତୁ । ପ୍ରଦୂଷଣରେ ଆମେ ଦିଲ୍ଲୀ ସହର ପାଖାପାଖିରେ ଅଛେ, ଏହାକୁ ରୋକିବା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ । ୨୦୨୬-୨୭ ଆର୍ଥିକ ବର୍ଷରେ ଲୋକଙ୍କ ମତାମତ, ବରିଷ୍ଠ ନାଗରିକ, ଭେଣ୍ଡିଂଜୋନ୍ ଓ ମାର୍କେଟ୍ ଆସୋସିଏସନ୍ ସହିତ ଆଲୋଚନା କରି କାର୍ଯ୍ୟ କରିବା ଆବଶ୍ୟକ । ଦୟା ୱେଷ୍ଟ କେନାଲ୍ ସଫା କରି ତିଆରି କରିପାରିଲେ ୬ ଟି ୱାର୍ଡ଼ ୱାଟର୍ ଆଫେକ୍ଟେଡ୍ ରୁ ରକ୍ଷା ପାଇପାରିବେ ଏବଂ ମଶା ମଧ କମିଯିବେ । ୨୦୨୬-୨୭ ବର୍ଷର ଉନ୍ନୟନମୂଳକ କାର୍ଯ୍ୟ ଜୁନ୍ ମାସ ମଧରେ ସରିବା ଆବଶ୍ୟକ । ବର୍ଷାଋତୁ ଆସିଲେ ବାଲି ମିଳିବ ନାହିଁ କାର୍ଯ୍ୟ ସମାପନ କରିହେବ ନାହିଁ, ତେଣୁ ପୂର୍ବରୁ ଆମକୁ କାର୍ଯ୍ୟ ସମ୍ପନ୍ନ କରିବାକୁ ପଡ଼ିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ କୁମାରେନ୍ଦ୍ର ମହାପାତ୍ର କହିଥିଲେ ଯେ, ମଶାଧୂଆଁ ଦିଆଯାଉଅଛି ମଶା ଯାଉନାହାଁନ୍ତି, ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ମିହିର କୁମାର ରାଉତ କହିଥିଲେ ଯେ, ମଶା ତେଲ ଠିକ୍ ଭାବରେ ପକାଉନାହାଁନ୍ତି, ଯେଉଁମାନେ ମଶା ତେଲ ପକାଇବାକୁ ଯିବେ ସମ୍ପୃକ୍ତ କର୍ପୋରେଟରଙ୍କ ଠାରୁ ଦସ୍ତଖତ ଆଣିବା ପାଇଁ ନିଷ୍ପତି ହୋଇଥିଲା କିନ୍ତୁ କେତେବେଳେ କେଉଁଠି ତେଲ ପକାଉଛନ୍ତି ମଶା ବଢ଼ି ବଢ଼ି ଚାଲିଛନ୍ତି । ଏହା ଉପରେ ଆଲୋଚନା କରାଗଲା । ପ୍ରତି ମାସରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ମଶା ତେଲ ପକାଇବା ଏବଂ ମଶାଧୂଆଁ ଦିଆଯିବା ପ୍ରୋଗ୍ରାମ କରିବେ ଏବଂ ତାହାର କପି କର୍ପୋରେଟରଙ୍କୁ ଦେବେ ଏବଂ ଯେଉଁମାନେ ମଶା ତେଲ ପକାଇବାକୁ ଓ ମଶାଧୂଆଁ ଦେବାକୁ ୱାର୍ଡ଼କୁ ଯିବେ କର୍ପୋରେଟରଙ୍କ ଠାରୁ ଦସ୍ତଖତ ଆଣିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ନିର୍ଦ୍ଧାରଣ ସଂଖ୍ୟା-୧(୬) ପଠନ ସମୟରେ କର୍ପୋରେଟର ଶ୍ରୀ ରାମଚନ୍ଦ୍ର ରଣସିଂହ କହିଥିଲେ ଯେ, ଉକ୍ତ କ୍ୟାଂଟିନ୍ ଭଲ ପାଣି ଓ ଖାଦ୍ୟ ଦେଉନଥିବାରୁ ତାଙ୍କୁ ବନ୍ଦ କରାଯାଇ ଅନ୍ୟ ସଂସ୍ଥାଙ୍କୁ ଦିଆଯାଉ ବୋଲି ଦାବୀ କରିଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ନିର୍ଦ୍ଧାରଣ ସଂଖ୍ୟା-୧(୭) ପଠନ ସମୟରେ କମିଟିର ଚେୟାରମ୍ୟାନ୍ କହିଥିଲେ ଯେ, ସହିଦନଗର ଠାରେ ହେବାକୁ ଥିବା ଅଡ଼ିଟୋରିୟମ୍ ଜାଗାକୁ ଅସ୍ଥାୟୀ ଭାବେ ଭଡ଼ାସୂତ୍ରରେ ଦେଲେ ନିଗମର ରାଜସ୍ୱ ବୃଦ୍ଧି ପାଇବ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ପଠନ ସମୟରେ କର୍ପୋରେଟର ଶ୍ରୀ କୁମାରେନ୍ଦ୍ର ମହାପାତ୍ର କହିଥିଲେ ଯେ, ମାନ୍ୟବର ମନ୍ତ୍ରୀ ଓ ବିଧାୟକଙ୍କ ଦରମା ସାଢେ ତିନି ଲକ୍ଷକୁ ବଢ଼ିଅଛି, ତେଣୁ ଆମର ମଧ ସିଟିଂଗ୍ ଆଲାଉନ୍ସ ବଢାଯାଉ । ଏହା ଉପରେ ଆଲୋଚନା କରାଗଲା । କର୍ପୋରେଟର ମାନଙ୍କର କର୍ପୋରେସନ ମିଟିଂଗ୍ ଓ ଷ୍ଟାଣ୍ଡିଂ କମିଟି ମିଟିଂଗ୍ ଆଲାଉନ୍ସ ବୃଦ୍ଧି କରିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଚାର ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପୁନଃବାର କମିଟିର ଚେୟାରମ୍ୟାନ୍ କହିଥିଲେ ଯେ, ସତ୍ୟନଗର, ଧର୍ମବିହାର, ଆଇଗିଣିଆ ସ୍ଥିତ ମଶାଣିରେ ୪ ଜଣ ଡ଼ି.ଇ.ଓ କମିଟିକୁ ଅଣଦେଖା କରି କିପରି କର୍ପୋରେସନରେ ଅନୁମୋଦନ ହୋଇ ରହିଲେ । ଏହା ଉପରେ ସଭାପତି କହିଥିଲେ ସବୁ ବିଷୟ କମିଟିରେ ପଡ଼ି କର୍ପୋରେସନକୁ ଆସିବା ଆବଶ୍ୟକ ।

ପ୍ଲାନିଂଗ୍ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ ସମୟରେ ମାନନୀୟା ସାଂସଦଙ୍କ ପ୍ରତିନିଧି କହିଥିଲେ ଯେ, ଖଣ୍ଡଗିରି ଛକ ନିକଟରେ ଏକ ବହୁତଳ ପ୍ରାସାଦ ନିର୍ମାଣ ହେଉଅଛି ସେଠାରେ ରାସ୍ତା ଓ ନାଳ ଖରାପ କରିଛି, ଭୁବନେଶ୍ୱର ମହାନଗର ନିଗମକୁ ଅର୍ଥ ଦେଉନାହାଁନ୍ତି କିମ୍ବା ସେହି ରାସ୍ତା, ନାଳ କାମ କରୁନାହାଁନ୍ତି, EIDP ବିଷୟରେ କର୍ପୋରେଟରଙ୍କୁ ଜଣାନ୍ତୁ ଏବଂ ସବୁ କମିଟିକୁ ଆସୁ । ଏହା ଉପରେ ଆଲୋଚନା କରାଗଲା । ସବୁ EIDP ବିଷୟ କମିଟିକୁ ଆସିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଗିତାଞ୍ଜଳୀ ସାହୁ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ପାଇପ୍, ତାର ପକାଇବା ସମୟରେ TPCODL ରାସ୍ତା ଖୋଳୁଛନ୍ତି କିନ୍ତୁ ମରାମତି କରୁନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମାଂଚଳରେ TPCODL ଓ WATCO ରାସ୍ତା ଖୋଳିଲେ ମରାମତି ଖର୍ଚ୍ଚ ବି.ଏମ୍.ସି ରେ ଦାଖଲ କଲାପରେ ତାଙ୍କୁ ଅନୁମତି ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ଆମ ୱାର୍ଡ଼ରେ ଥିବା UPHC ଘର ନଥିବାରୁ ବନ୍ଦ ହେବାକୁ ଯାଉଅଛି । ଆମ ୱାର୍ଡ଼ରେ ଖାଲି ଜାଗା ଅଛି ଗୃହ ନିର୍ମାଣ କରାଯାଇ UPHC ଚଲେଇ ହେବ । ଆଜିର ବୈଠକରେ ADUPHO ଉପସ୍ଥିତ ନଥିବାରୁ ଆଲୋଚନା ହୋଇପାରିଲା ନାହିଁ, ADUPHO କୌଣସି ବୈଠକକୁ ଆସୁନଥିବାରୁ ଏ ବିଷୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗକୁ ଅବଗତ ଓ ଆବଶ୍ୟକ ପଦକ୍ଷେପ ନେବାପାଇଁ ଜଣାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧.  ଗତ ତା ୨୬.୧୧.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ଦୃଢୀକରଣ:-

ନିର୍ଦ୍ଧାରଣ-୧.  ଗତ ତା ୨୬.୧୧.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢୀକରଣ କରାଗଲା ।

ପ୍ରସ୍ତାବ-୨.  ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୩୧.୧୨.୨୦୨୫ ରିଖ)

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨ (ଗତ ତା ୨୬.୧୧.୨୦୨୫ ରିଖର ପ୍ରଶ୍ନ)</u>

ପ୍ରଶ୍ନ-୨(୧).  ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୨ ଭୀମପୁର ଠାରେ ସ୍ପିଙ୍ଗ୍ ଟ୍ୟାଙ୍କ୍ ଠାରୁ ପୁରୁଣା ଏୟାର୍‌ପୋର୍ଟ ଛକ ମଝିରେ ଥିବା ମୁଖ୍ୟ ନାଳ ନଂ-୭ ର ଉଦ୍ଧାରିକରଣ ପ୍ରକଳ୍ପ କେବେ ଆରମ୍ଭ ହୋଇଥିଲା ଏବଂ କେବେ ଶେଷ ହୋଇଥିଲା ? ଏହାର ଏଷ୍ଟିମେଟ୍ ରାଜ୍ୟ ସରକାର କେବେ ଆପ୍ରୁଭାଲ୍ ଦେଲେ ଏବଂ କେତେ ଟଙ୍କା ପାଇଁ ଆପ୍ରୁଭାଲ୍ ଦେଲେ ? ଏହି ପ୍ରକଳ୍ପ ତଦାରଖ କରିବା ପାଇଁ କେତେ ଜଣ ଟୁଲିପ୍ ନିୟୋଜିତ ହୋଇଥିଲେ ଏବଂ କେତୋଟି ଜେ.ସି.ବି ନିୟୋଜିତ ହୋଇଥିଲା ? ଦିନରାତି କେତେ ଘଂଟା କାମ କରନ୍ତି ? ସମୁଦାୟ କେତେ ଦିନ କାମ ହୋଇଅଛି ଏବଂ କେତେ ଘଂଟା କାମ ହୋଇଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇପାରିବେ କି ?

ଉତ୍ତର-୨(୧). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୫୨ ନଂ ୱାର୍ଡରେ ଥିବା ସ୍ପିଂ ଟ୍ୟାଙ୍କ୍ ପଛଦିଗରୁ ପୁରୁଣା ଏୟାରପୋର୍ଟ ରୋଡ଼ ମଧ୍ୟଭାଗ ପର୍ଯ୍ୟନ୍ତ ଥିବା ମୁଖ୍ୟ ଡ୍ରେନ୍-୭ ର ପୁନରୁଦ୍ଧାର ପ୍ରକଳ୍ପର DPR, ଜଳାଶୟ ପୁନରୁଜ୍ଜୀବନ ୟୁନିଟ୍ (WRU), ଗୃହ ଓ ସହର ଉନ୍ନତି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

ସ୍ପିଂ ଟ୍ୟାଙ୍କ୍ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର କାର୍ଯ୍ୟାଦେଶ ବିଭିନ୍ନ ସମୟରେ ତା ୧୮.୦୪.୨୦୨୩, ତା ୧୭.୦୫.୨୦୨୩ ଓ ତା ୦୬.୦୨.୨୦୨୪ ରିଖରେ ଜାରି କରାଯାଇଥିଲା ଏବଂ କାର୍ଯ୍ୟ WRU, H&UD ଦ୍ୱାରା ଅନୁମୋଦିତ ଡିଜାଇନ୍ ଓ SOP ଅନୁଯାୟୀ କରାଯାଇଛି ।

ଉକ୍ତ ପ୍ରକଳ୍ପ ପାଇଁ ପ୍ରସ୍ତୁତ ଏଷ୍ଟିମେଟ୍ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା WRU, H&UD କୁ ଅନୁମୋଦନ ପାଇଁ ପ୍ରେରଣ କରାଯାଇଥିଲା ଏବଂ ପରେ ଗୃହ ଓ ସହର ଉନ୍ନତି ବିଭାଗର ଆଦେଶ କ୍ରମେ ଦିନାଙ୍କ ୧୬.୦୩.୨୦୨୪ ରେ ୟ୨, ୮୧, ୮୦, ୦୦୦/-ଙ୍କା (ଦୁଇ କୋଟି ଏକାଅଶୀ ଲକ୍ଷ ଅଶୀ ହଜାର ଟଙ୍କା) ପାଇଁ ପ୍ରଶାସନିକ ଅନୁମୋଦନ ଦିଆଯାଇଛି ।

ପ୍ରକଳ୍ପର ତଦାରଖ ଓ କାର୍ଯ୍ୟାନୁଷ୍ଠାନ ପାଇଁ ୬ (ଛଅ) ଜଣ ଟୁଲିପ୍ କର୍ମଚାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଥିଲା । କାର୍ଯ୍ୟ ନିର୍ବାହ SHG ମାନଙ୍କ ସକ୍ରିୟ ଭାଗୀଦାରୀରେ କରାଯାଇଥିଲା ।

ଜେ.ସି.ବି. ଓ ଏକ୍ସକାଭେଟର ଦ୍ୱାରା ହୋଇଥିବା ସମସ୍ତ ଖନନ କାର୍ଯ୍ୟର ଘଣ୍ଟା ଓ ପରିମାଣ ସ୍ଥଳରେ ମାପ ନିଆଯାଇ Measurement Book ରେ ଲିପିବଦ୍ଧ କରାଯାଇଛି । ଶ୍ରମଦିନ (ମ୍ୟାନଡେ) ମଷ୍ଟର ରୋଲ୍ ଆଧାରରେ ଲେଖାଯାଇ SHG ର ସଭାପତି, ସଚିବ ଓ ଧନାଧ୍ୟକ୍ଷଙ୍କ ଦ୍ୱାରା ବିଲ୍ ଦାଖଲ କରାଯାଇଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ସଠିକ୍ ଉତର ଦିଆଯାଇନାହିଁ, ଏହି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ । ଏହା ଉପରେ ଆଲୋଚନା କରାଗଲା ଏବଂ ଏହା ଉପରେ ତଦନ୍ତ କରିବା ପାଇଁ ମାନନୀୟା ମେୟରଙ୍କ ଅଧ୍ୟକ୍ଷତାରେ କମିଶନର, ୱାର୍କସ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ଓ ନଗର ଯନ୍ତ୍ରୀ ତଦନ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୨).  ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଉକ୍ତ ସ୍ପିଙ୍ଗ୍ ଟ୍ୟାଙ୍କ୍ ପ୍ରକଳ୍ପର ଆରମ୍ଭରୁ ଶେଷ ହେବା ଭିତରେ ଲେକ୍‌ମ୍ୟାନ୍ Anand Malligovad କେତେ ଥର ପରିଦର୍ଶନରେ ଆସିଛନ୍ତି ? ମ୍ୟାପ୍ ଏବଂ ଡ଼ିଜାଇନ୍ କେତେ ଥର ବଦଳାଇଛନ୍ତି ଏବଂ କେଉଁ କେଉଁ ମାସରେ ବଦଳାଯାଇଛି ? ମ୍ୟାପ୍ ଏବଂ ଡ଼ିଜାଇନ୍ ବଦଳିବା ଦ୍ୱାରା କେଉଁ କେଉଁ କାମ ବାରମ୍ବାର କରାଯାଇଛି ଏବଂ କେତେ ଥର କରାଯାଇଛି ? ମୁଖ୍ୟ ନାଳ ନଂ-୭ କୁ କେତେ ଥର ଘୁଂଚା ଯାଇଛି ? ଏହିସବୁ ଡ଼ିଜାଇନ୍ ବଦଳାଇବାରେ କେଉଁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ? ଏହାର ଏଷ୍ଟିମେଟ୍ କରାଯାଇଛି କି, ଯଦି କରାଯାଇନାହିଁ ତେବେ କାହିଁକି କରାଯାଇନାହିଁ ଏବଂ ତାହା କେବେ କରାଯିବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ଜଣାଇପାରିବେ କି ?

ଉତ୍ତର-୨(୨). ଖ୍ରିଂ ଟ୍ୟାଙ୍କ ପୁନରୁଦ୍ଧାର ପ୍ରକଳ୍ପ WRU, H&UD ଦ୍ୱାରା ଅନୁମୋଦିତ ଡିଜାଇନ୍ ଅନୁଯାୟୀ କରାଯାଇଛି । ପ୍ରକଳ୍ପ ରୂପାୟଣ ସମୟରେ ଲେକମ୍ୟାନ୍ ଏବଂ WRU ର ପରାମର୍ଶଦାତା ଶ୍ରୀ ଆନନ୍ଦ ମଲ୍ଲିଗୋଭଦ୍ ଦ୍ୱାରା ସମୟ ସମୟରେ ପ୍ରାୟୋଗିକ ପରାମର୍ଶ ଦିଆଯାଇଥିଲା । ତାଙ୍କ ସ୍ଥଳ ପରିଦର୍ଶନର ବିସ୍ତୃତ ତାରିଖ ସୂଚନା ବିଭାଗୀୟ ରେକର୍ଡରେ ଉପଲବ୍ଧ ନଥିଲେ ମଧ୍ୟ, କାର୍ଯ୍ୟ WRU ର ମଞ୍ଜୁରିପ୍ରାପ୍ତ ଡିଜାଇନ୍ ଓ ମାର୍ଗଦର୍ଶନ ଅନୁଯାୟୀ ହୋଇଛି ।

ପୁନରୁଦ୍ଧାର କାର୍ଯ୍ୟ ସମୟରେ କୌଣସି ଡିଜାଇନ୍ ବଦଳ କିମ୍ବା ବିଚଳନ ପାଇଁ ପୃଥକ ଭାବେ କୌଣସି ଅନୁମୋଦନ ନିଆଯାଇନାହିଁ ଏବଂ କୌଣସି ଅତିରିକ୍ତ ଆର୍ଥିକ ଭାର ମଧ୍ୟ ସୃଷ୍ଟି ହୋଇନାହିଁ ।

ପ୍ରକଳ୍ପ ସମ୍ପର୍କିତ ଆହୁରି କୌଣସି ସୂଚନା ଆବଶ୍ୟକ ହେଲେ, Measurement Book, Muster Roll ଓ ସମ୍ପର୍କିତ ରେକର୍ଡ ଭୁବନେଶ୍ୱର ମହାନଗର ନିଗମରେ ଉପଲବ୍ଧ ରହିଛି ଏବଂ ଗୃହର ଅବଗତି ପାଇଁ ପ୍ରଦର୍ଶିତ କରାଯାଇପାରିବ।

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ଼ ନଂ-୩୧</u>

ପ୍ରଶ୍ନ-୨(୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ପାଇଁ ଆବଶ୍ୟକ ହେଉଥିବା ଗାଡ଼ି ଯୋଗାଇଦେବା ନିମନ୍ତେ କେତେ ଟଙ୍କାର ନୂଆ ଟେଣ୍ଡର ହୋଇଥିଲା, ଏହି ଟେଣ୍ଡର କିଏ କେତେ ଟଙ୍କାରେ ନେଇଥିଲେ । ଆଜି ପର୍ଯ୍ୟନ୍ତ ସେ କେଉଁ କେଉଁ ଗାଡ଼ି କେତୋଟି ଦେଇଛନ୍ତି । ପୁରୁଣା ଟେଣ୍ଡରରେ କେଉଁ କେଉଁ ଗାଡ଼ି କେତୋଟି ଲାଗିଥିଲା । ନୂଆ ଟେଣ୍ଡରରେ ପ୍ରତି ମାସରେ କେତେ ଟଙ୍କା ପଇଠ କରାଯାଉଛି ଏବଂ କେତେ ଟଙ୍କାର ଡ଼ିଜେଲ୍ ଓ ପେଟ୍ରୋଲ୍ ଖର୍ଚ୍ଚ କରାଯାଉଛି ଓ ପୁରୁଣା ଟେଣ୍ଡରରେ କେତୋଟି ଗାଡ଼ି ଲାଗିଥିଲା ଏବଂ କେତେ ଟଙ୍କାର ଡ଼ିଜେଲ୍ ଓ ପେଟ୍ରୋଲ୍ ଖର୍ଚ୍ଚ କରାଯାଉଥିଲା ତାହାର ସମ୍ପୂର୍ଣ୍ଣ ବିବରଣୀ ସହିତ ତାହାର କାଗଜ ଦାଖଲ କରିବେ ? ସରକାରଙ୍କ ନିୟମ ଅନୁସାରେ କେତୋଟି ଗାଡ଼ି ଲାଗିବା କଥା, କେତୋଟି ଗାଡ଼ି ଲାଗିଛି ?

ଉତ୍ତର-୨(୩). ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି) ଅଧିନରେ ସାନିଟେସନ୍ ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସୁଗ୍ଧରୁଭାବେ ପରିଚ୍ଚଳନା ପାଇଁ ଯାନବାହନ ନିୟୋଜନ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା ।ଏଥିରେ L-1 ବିଡ଼ର୍ ଭାବେ M/s. Sheranwali Infrastructure Pvt. Ltd. କୁ ଚୟନ କରାଯାଇଥିଲା ।

<u>ନୂତନ ଟେଣ୍ଡର ଅନୁଯାୟୀ:-</u>

- ୮୯ ଗୋଟି ଛୋଟ ଯାନବାହନ (Bolero, Ertiga, Kia, Dzire, Celerio, Wagon-R, Innova ଇତ୍ୟାଦି) Officer, Enforcement Squad ଓ ସାଇନ୍ ଟିମ୍ ମାନଙ୍କ ବ୍ୟବହାର ପାଇଁ ନିୟୋଜିତ । ଛୋଟ ଯାନବାହନ ଗୁଡ଼ିକ ପାଇଁ ପ୍ରତି ମାସ ପେଟ୍ରୋଲ୍ ଓ ଡ଼ିଜେଲ୍ ଖର୍ଚ୍ଚ ବାବଦକୁ ଆନୁମାନିକ ୧୬,୦୧୧ ଲିଟର ଇନ୍ଧନ ପାଇଁ ପ୍ରାୟ ଟ୧୫,୦୬,୫୫୮/- ଏବଂ ଭଡ଼ା ବାବଦକୁ ଟ୨୫,୨୦,୦୦୦/- ବ୍ୟୟ ହେଉଛି ।
- ୯୮ ଟି ଭାରୀ ଯାନବାହନ (Excavator, Hyva, Tipper, Tractor, TATA Ace, Mini Truck, Water Tanker, LCV ଇତ୍ୟାଦି) ବିଭିନ୍ନ ସାନିଟେସନ୍ ଓ ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ । ଭାରୀ ଯାନବାହନ ଗୁଡ଼ିକ ପାଇଁ ପ୍ରତିମାସ ଆନୁମାନିକ ୭୫,୩୯୦ ଲିଟର ପେଟ୍ରୋଲ୍ ଓ ଡ଼ିଜେଲ୍ ବାବଦକୁ ପ୍ରାୟ ଟ୬୯,୮୭,୧୪୫/- ଏବଂ ଭଡ଼ା ବାବଦକୁ ଟ୧,୧୩,୪୬,୯୦୦/-ଙ୍କା ବ୍ୟୟ କରାଯାଉଛି ।

<u>ପୁରୁଣା ଟେଣ୍ଡର ଅନୁଯାୟୀ:-</u>

- ୮୦ ଟି ଛୋଟ ଯାନବାହନ (Bolero, Ertiga, Kia, Dzire, Celerio, Bolt, Wagon-R, Innova ଇତ୍ୟାଦି) Officer, Enforcement Squad ଓ ସାଇନ୍ ଟିମ୍ ମାନଙ୍କ ବ୍ୟବହାର ପାଇଁ ନିୟୋଜିତ । ଛୋଟ ଯାନବାହନ ଗୁଡ଼ିକ ପାଇଁ ପ୍ରତି ମାସ ପେଟ୍ରୋଲ୍ ଓ ଡ଼ିଜେଲ୍ ଖର୍ଚ୍ଚ ବାବଦକୁ ଆନୁମାନିକ ୧୯,୭୫୪ ଲିଟର ଇନ୍ଧନ ପାଇଁ ପ୍ରାୟ ଟ୧୮,୬୬,୭୬୯/- ଏବଂ ଭଡ଼ା ବାବଦକୁ ଟ ୨୦,୩୫,୩୨୮/-ଙ୍କା ବ୍ୟୟ ହେଉଥିଲା ।

ଆବଶ୍ୟକତା ଅନୁସାରେ ବି.ଏମ୍.ସି ରେ ଗାଡ଼ି ସଂଖ୍ୟା ନିର୍ଦ୍ଧାରିତ କରାଯାଉଅଛି ।

<u>ଶ୍ରୀ ଅମରେଶ ଜେନା, ୱାର୍ଡ଼ ନଂ-୪୫</u>

ପ୍ରଶ୍ନ-୨(୪). କ)ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱରର କେତୋଟି ୱାର୍ଡ଼ରେ ପ୍ରାଇଭେଟ୍ ଏଜେନ୍ସି ସଫେଇ କାମ କରୁଛନ୍ତି । ପ୍ରତ୍ୟେକ ୱାର୍ଡ଼ରେ କେତେ କର୍ମଚ୍ଚରୀ ନିୟୋଜିତ ହେବେ ବୋଲି ତାଙ୍କର ଚୁକ୍ତି ଧାର୍ଯ୍ୟ ହୋଇଛି ?

ଖ)ଏହା ବ୍ୟତୀତ ମାର୍କେଟ୍, ପାର୍କ, ଶ୍ମଶାନ, ଲେବର ଷ୍ଟାଣ୍ଡ, ୱାର୍ଡ଼ ଅଫିସ୍‌ରେ କେଉଁ ପ୍ରାଇଭେଟ୍ ଏଜେନ୍ସି କେତେ ଲୋକ ନିଯୁକ୍ତି କରୁଛନ୍ତି ?

ଗ)ୱାର୍ଡ ନଂ-୪୪ NH ସୀମା ଭିତରେ ଭୁବନେଶ୍ୱର ମହାନଗର ନିଗମର କେଉଁ ସଂସ୍ଥା ରାସ୍ତା କଡ଼ରେ ପକେଇବା ସହ ଏହାକୁ ନିଆଁ ଜଳାଉଛି । ଏହା ସହ ଭୁବନେଶ୍ୱର ମହାନଗର ନିଗମର କମିଶନର ଏବଂ ମେୟରଙ୍କୁ କେଉଁ ଅଫିସର ଏହା ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଅନ୍ତର୍ଭୁକ୍ତ ନୁହେଁ ବୋଲି ମିଥ୍ୟା ତଥ୍ୟ ଦେବା ସହ ଗୃହକୁ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି । ସେହି ଅଫିସରଙ୍କ ନାମ ଏବଂ ପଦବୀ ବିଷୟରେ ଜଣାଇବେ କି ?

ଉତ୍ତର-୨(୪). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମୁଦାୟ ୬୭ ଗୋଟି ୱାର୍ଡ଼ ମଧ୍ୟରୁ ୬୪ ଗୋଟି ୱାର୍ଡ଼ରେ ପ୍ରାଇଭେଟ୍ ଏଜେନ୍ସି ମାନେ ସଫେଇ କାମ କରୁଛନ୍ତି ଏବଂ ୩ ଗୋଟି ୱାର୍ଡ଼ର ସଫେଇ କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ହେଉଅଛି । ଏହି ୬୪ ଗୋଟି ୱାର୍ଡ଼ରେ ସଫେଇ କାର୍ଯ୍ୟ ପାଇଁ ଚୁକ୍ତି ଦ୍ୱାରା ନିଯୁକ୍ତ ହୋଇଥିବା ସଫେଇ କର୍ମଚାରୀ ମାନଙ୍କର ସଂଖ୍ୟା ଏଜେନ୍ସି ଏବଂ ୱାର୍ଡ଼ ଅନୁଯାୟୀ ତଥ୍ୟ Annexure-I ଏବଂ Annexure-II ରେ ପ୍ରଦାନ କରାଗଲା ।

ପ୍ରଶ୍ନ-୨(୫). ଭୁବନେଶ୍ୱର ମହାନଗର ନିଗମାଂଚଳ ଭିତରେ ସ୍ମାର୍ଟସିଟି ରୋଡ଼୍ ସାଇଡ଼୍‌ରେ ବିଜ୍ଞାପନ ଦେବାକୁ ସ୍ମାର୍ଟସିଟି କୁ କେତେ ବର୍ଷ ହେବ ତା'ର ଲାଇସେନ୍ସ ଦିଆଯାଇଛି ଓ ସେମାନେ କେତେ ଏରିଆରେ ଆଡ଼୍‌ଭର୍‌ଟାଇଜ୍ ଲଗାଉଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ କମିଶନରେଟ୍ ପୋଲିସ୍ ଆଡ଼୍‌ଭର୍‌ଟାଇଜ୍ ଦେଇପାରିବେ କି ଓ ପୁଲିସ୍ କମିଶନରେଟ୍ ଆକ୍ଟରେ ଆଡ଼୍‌ଭର୍‌ଟାଇଜ୍ କରିବାର ନିୟମ ଅଛି କି ?

ଉତ୍ତର-୨(୫). ଭୁବନେଶ୍ୱର ମହାନଗର ନିଗମାଂଚଳ ଭିତରେ ସ୍ମାର୍ଟସିଟି ରୋଡ଼୍ ସାଇଡ଼୍‌ରେ ବିଜ୍ଞାପନ ଦେବାକୁ ସ୍ମାର୍ଟସିଟି ବିଭାଗକୁ ମହାନଗର ନିଗମ ତରଫରୁ କୌଣସି ଲାଇସେନ୍ସ ଦିଆଯାଇନାହିଁ । ପ୍ରକାଶ ଥାଉକି, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ଼୍ (BSCL) ରୋଡ଼୍ ସାଇଡ଼୍‌ରେ ନିର୍ମାଣ କରିଥିବା Junction Box ଓ ଭେଣ୍ଡିଂଜୋନ୍ ଉପରେ ବିଜ୍ଞାପନଫଳକ ଲଗାଇବା ନିମନ୍ତେ ତାଙ୍କ ନିଜ ତରଫରୁ M/s. Metro Sign ବିଜ୍ଞାପନ ସଂସ୍ଥାଙ୍କୁ ଅନୁମତି ଦେଇଛନ୍ତି ଯାହାର ସମ୍ପୂର୍ଣ୍ଣ ବିବରଣୀ ସ୍ମାର୍ଟସିଟି ଲିମିଟେଡ଼୍ (BSCL) ପାଖରେ ଉପଲବ୍ଧ ହେବେ । ଭୁବନେଶ୍ୱର ମହାନଗର ଅଂଚଳରେ କମିଶନରେଟ୍ ପୋଲିସ୍ ସଡ଼କ ସୁରକ୍ଷା ଓ ସୁରକ୍ଷିତ ଯାତାୟତ ପାଇଁ ଉପଦେଶ ସୂଚକ ଆର୍ଡ଼ଭାଟାଇଜ୍‌ମେଂଟ ଫଳକ ଦେଇପାରିବେ, ଏଥି ନିମନ୍ତେ Odisha Municipal Corporation Act-2003, Section-240 ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ ।

ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ଼ ନଂ-୪୨

ପ୍ରଶ୍ନ-୨(୬). ମୋ ୱାର୍ଡ଼ରେ ଥିବା ପ୍ରତ୍ୟେକ ହୋଟେଲ୍‌ରୁ ଖାଦ୍ୟର ମାନ ଯାଂଚ୍ ଏବଂ ଛତୁ ଭଳି ଦୋକାନ ପଡୁଥିବାରେ ରୋକ ଲଗାଇବା ପାଇଁ ମୁଁ ବାରମ୍ବାର ଅନୁରୋଧ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ମୋର ୱାର୍ଡ଼ ଅଫିସ୍ ଏବଂ ଏସ୍.ଆଇ ନଥିବା କହିଲେ ଚଳେ ।

ଉତ୍ତର-୨(୬). ଦକ୍ଷିଣ-ପୂର୍ବ ମଣ୍ଡଳର ଡ଼ି.ଇ.ଓ ଙ୍କ ଅନୁସାରେ ମଣ୍ଡଳ ଅଧିନ ୱାର୍ଡ଼ ନଂ-୪୨ ର Hotel, Restaurant, Distributors, Retail shops & Temple Bhog Shops ନିୟମିତ ଭାବେ ଯାଂଚ୍ କରାଯାଉଅଛି ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ FSS Act-2006 ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଅଛି । ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ପରାମର୍ଶ ଦିଆଯାଉ ଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଖାଦ୍ୟ ଯାଂଚ୍ କେବେ ହେଉଅଛି କିଏ କରୁଛନ୍ତି ଜଣାପଡୁନାହିଁ । ଏହା ଉପରେ ଆଲୋଚନା କରାଗଲା । ପ୍ରତି ମାସରେ କେଉଁଠାରେ ଖାଦ୍ୟ ଯାଂଚ୍ ହେଉଅଛି ତାହାର ତଥ୍ୟ ପ୍ରତି ମାସରେ ଉପସ୍ଥାପନ କରିବା ପାଇଁ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରଶ୍ନ-୨(୭). କୌଣସି ହୋଟେଲ୍‌ର ନିଜସ୍ୱ ପାର୍କିଙ୍ଗ୍ ନଥାଇ ମନଇଚ୍ଛା ପାର୍କିଙ୍ଗ୍ କରୁଛନ୍ତି । ମୋ ୱାର୍ଡ଼ରେ ଥିବା ବଡ଼ ବଡ଼ Commercial Complex ର ପାର୍କିଙ୍ଗ୍ ନେବା ସତ୍ତ୍ୱେ ସେମାନେ ବାହାରେ ୱାର୍ଡ଼ରେ ଥିବା ଲୋକଙ୍କ ଘର ସାମନାରେ ପାର୍କିଙ୍ଗ୍ ଯୋଗୁଁ ମୋ ୱାର୍ଡ଼ରେ ଜନ ଅସନ୍ତୋଷ ବଢ଼ିଚାଲିଛି ତାହା ବି ବାରମ୍ବାର କହିବା ସତ୍ତ୍ୱେ

କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କାହିଁକି ଦୟାକରି ଏହାର ଉତର ଦେବେ କି ? ପ୍ଲାଟ୍‌ଫର୍ମ ନଂ-୬ କୁ ଯିବା ରାସ୍ତାରେ ଶହ ଶହ ଗାଡ଼ି ପାର୍କିଙ୍ଗ୍ ହେଉଛି, ବି.ଏମ୍.ସି ର କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ୱାର୍ଡ଼ ଅଫିସରଙ୍କୁ ଜଣାଇଲେ ସେ ସବୁବେଳେ ହୋଲ୍‌ଡ଼ିଂ ଟ୍ୟାକ୍ସ କାଟୁଛି କହି ୱାର୍ଡ଼ରେ ଧ୍ୟାନ ଦେଉନାହାଁନ୍ତି ।

ଉତ୍ତର-୨(୭). ୱାର୍ଡ଼ ନଂ-୪୨ ରେ ପାର୍କିଙ୍ଗ୍ ବ୍ୟବସ୍ଥା ସମ୍ପର୍କରେ କାର୍ଯ୍ୟାଳୟ ଅବଗତ ଅଛି ଏବଂ ଉକ୍ତ ୱାର୍ଡ଼ରେ eviction program ଜାରି ରହିଛି, ଅମିନ ଦ୍ୱାରା ପାର୍କିଙ୍ଗ୍ ସ୍ଥାନ identification କରାଯାଇ ଅନୁମୋଦନ ମିଳିଲା ପରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, ହୋଟେଲ୍, ଦୋକାନ ପାଖରେ ପାର୍କିଙ୍ଗ୍ ନଥିଲେ ଲୋକେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି । ଏହା ଉପରେ ଆଲୋଚନା କରାଗଲା । ଯେଉଁସବୁ ହୋଟେଲ୍, କଲ୍ୟାଣମଣ୍ଡପ, ଦୋକାନ ଗୃହର ପାର୍କିଙ୍ଗ୍ ନଥିବ ତାଙ୍କ ଉପରେ ଫାଇନ୍ କରାଯିବା ସହିତ ସେଗୁଡ଼ିକୁ ସିଜ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ଼ ନଂ-୪୩</u>

ପ୍ରଶ୍ନ-୨(୮). ସଭାପତି ମହୋଦୟା ମୁଁ ଆପଣଙ୍କ ଗୋଚରାର୍ଥେ ଜଣାଇବାକୁ ଚାହୁଁଅଛି ଯେ, ୱାର୍ଡ଼ ନଂ-୪୩ ଲକ୍ଷ୍ମୀସାଗର ଅନ୍ତର୍ଗତ ଏକ ଡ୍ରେନ୍‌ର କାମ "Constn. of RCC drain & culvert from Plot No.-1324 to Plot No.-1321 over Main Drain No.-5 at Laxmisagar village in Ward No.-43" (Work Order No.-58885 dt.17.12.2022) ସମ୍ପୂର୍ଣ୍ଣ ହୋଇଯାଇଛି । କାର୍ଯ୍ୟରେ ନିଯୁକ୍ତ ଠିକାଦାର ଦୁଇ ଜଣ Running Bill ମଧ ପାଇଛନ୍ତି ଯାହା ମୋ ୱାର୍ଡ଼ ପରିସରରେ ଅଛି, କିନ୍ତୁ କାର୍ଯ୍ୟଟି ପ୍ରାୟ ଏକ ବର୍ଷ ହେବ ସମ୍ପୂର୍ଣ୍ଣ ହୋଇଥିଲେ ମଧ ତାହାର ଫାଇନାଲ୍ ବିଲ୍ (File No.-520/2021, Drainage) କାହିଁକି କରାଯାଉନାହିଁ ଏବଂ କେବେ ସୁଦ୍ଧା କାର୍ଯ୍ୟଟିର ସମ୍ପୂର୍ଣ୍ଣ ଦେୟ ସମ୍ପୃକ୍ତ ଠିକାଦାରଙ୍କୁ ମିଳିପାରିବ ଦୟାକରି ଗୃହରେ ଜଣାଇବେ କି ?

ଉତ୍ତର-୨(୮). ଲକ୍ଷ୍ମୀସାଗର ଅଞ୍ଚଳର Main Drain–5 ଉପରେ Plot No–1324 ରୁ Plot No–1321 ପର୍ଯ୍ୟନ୍ତ RCC Drain ଓ Culvert ନିର୍ମାଣ କାର୍ଯ୍ୟ, Bhubaneswar Municipal Corporation ର Drainage Division ଦ୍ୱାରା ଗ୍ରହଣ କରାଯାଇଥିଲା। ଉକ୍ତ କାର୍ଯ୍ୟ ସରକାରୀ ଜମିରେ ସମ୍ପାଦନ କରିବା ନିମନ୍ତେ, CDP alignment ରୁ ସାମାନ୍ୟ ମାତ୍ରାରେ ପରିବର୍ତ୍ତନ (minor deviation) କରାଯାଇଛି, ଯାହା ଦ୍ୱାରା ବ୍ୟକ୍ତିଗତ ଜମି ଉପରେ ନିର୍ମାଣ ଏଡ଼ାଯାଇ ଏବଂ ଜମି ଅଧିଗ୍ରହଣ/କ୍ରୟ ପ୍ରକ୍ରିୟା ସହଜ ହୋଇପାରିବ।

CDP alignment ରୁ deviation ସମ୍ପର୍କରେ ଅଭିଯୋଗ ପ୍ରାପ୍ତ ହେବା ପରେ, Drainage Division ଓ Land Section ର ସଂଯୁକ୍ତ ତଦନ୍ତ କରାଯାଇଛି। ଉକ୍ତ stretch ର Drain–5 ର realignment ପ୍ରସ୍ତାବ ଅନୁମୋଦନ ପ୍ରକ୍ରିୟାରେ ଥିବା ହେତୁ, (File No. XXXXXV(Drainage)–520/2021) ର Final Bill ଅସ୍ଥାୟୀ ଭାବେ ଅଟକାଇ ରଖାଯାଇଛି।

Demarcated Government Land Map ରହିଛି, ଯାହା ଆଧାରରେ realignment ଅନୁମୋଦନ ମିଳିଲେ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ Final Bill ପ୍ରଦାନ କରାଯିବ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରଶ୍ନ-୨(୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଥିବା ଏଲ୍.ଆଇ.ଜି ଗ୍ରରିଛକଟିକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରସ୍ତାବ ଦେବାପରେ ତିନି ମାସ ତଳେ ପ୍ରଶ୍ନ କରିଥିଲି ଏବଂ ଆଲୋଚନାରେ ଉତର ମିଳିଥିଲା ଯେହେତୁ ସେ ରାସ୍ତା ପାଖରେ ବିଧାୟକଙ୍କ ପାଣ୍ଠିରୁ ଏକ ଘର ନିର୍ମାଣ ହୋଇଛି ସେଥିପାଇଁ ଜନସାଧାରଣଙ୍କ ପାଇଁ ସେ ଗ୍ରରିଛକର ଉନ୍ନତିକରଣ ହୋଇପାରୁନାହିଁ । ମୁଁ ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହେଁ ବିଗତ ଦିନରେ ଯଦି ଜନସାଧାରଣଙ୍କ ଆବଶ୍ୟକତା ପାଇଁ ଏତେ ବର୍ଷ ଧରି ସ୍ୱର୍ଗଦ୍ୱାରରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ସମାଧି ସ୍ଥାନାନ୍ତର ହୋଇପାରିଲା ଏବଂ ଅନେକ ଅଟ୍ଟାଳିକାକୁ ଭାଙ୍ଗି ସ୍ଥାନାନ୍ତର ହୋଇପାରିଛି ଜନସାଧାରଣଙ୍କ ଧନଜୀବନ ସୁରକ୍ଷିତ ପାଇଁ ତେବେ କ'ଣ ପାଇଁ ଏକ ବିଧାୟକ ପାଣ୍ଠିରେ ରାସ୍ତା ଉପରେ ନହେବା ଜାଗାରେ ଘର ହୋଇଥିବା ସ୍ଥାନଟି ଯାହାକି ବିଧାୟକଙ୍କର କୌଣସି ଆପତି ନାହିଁ ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ କେବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏଲ୍.ଆଇ.ଜି ଗ୍ରରିଛକର ଉନ୍ନତି କରାଯିବ ଗୃହକୁ ଜଣାଇବେ କି ?

ଉତ୍ତର-୨(୯). ୱାର୍ଡ ନଂ-୧୩ ରେ ଥିବା ଏଲ୍.ଆଇ.ଜି ଗ୍ରରିଛକଟିକୁ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ଚିଠି ନଂ-୧୧୩୫୪ ତା ୨୬.୧୨.୨୦୨୫ ରିଖରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, PWD, ଡ଼ିଭିଜନ୍-୩ ନିର୍ମାଣସୌଧ, ଭୁବନେଶ୍ୱରଙ୍କୁ ଅନୁରୋଧ କରାଯାଇଅଛି ।

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ପୂର୍ବ ସାଧାରଣ ସଭାରେ ମୁଁ ପଚ୍ଚରିଥିବା ପ୍ରଶ୍ନର ସଠିକ୍ ଉତ୍ତର ମିଳିଲା ନାହିଁ । ମୁଁ ପ୍ରଶ୍ନ କ'ଣ ପଚ୍ଚରିଛି ଠିକ୍ ସେ ଅନୁଧ୍ୟାନ କରାନଯାଇ ଭୁଲ୍ ଉତ୍ତର କ'ଣ ପାଇଁ ଦିଆଯାଇଛି ଜଣାଇବେ କି ? ପଚ୍ଚରିଥିବା ପ୍ରଶ୍ନର ତଦନ୍ତ କରି ଗୃହକୁ ରିପୋର୍ଟ ନଦେଇ ଜାଣିଶୁଣି ପ୍ରଶ୍ନଟିକୁ ଅଣଦେଖା କରାଯାଉଛି କି ? ମୋ ୱାର୍ଡ଼ରେ ପ୍ରରୋଟି ପାର୍କ ଅଛି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ କିଏ ନେଇଛନ୍ତି କ'ଣ ମତେ ଜଣାନାହିଁ ? ଆଶା କରୁଛି ଏଥର ପ୍ରଶ୍ନଟିକୁ ଠିକ୍ ସେ ପଢ଼ି ଉତ୍ତର ଦିଆଯାଉ । ମୋ ୱାର୍ଡ଼ରେ ଥିବା ନୀଳମାଧବ ନିବାସଟି ଉଭୟ ବି.ଏମ୍.ସି ଏବଂ ବି.ଡ଼ି.ଏ ର ମିଳିତ ପ୍ରୟାସରେ ଏବଂ ମିଳିତ ସର୍ଭେରେ ସବୁ କାର୍ଯ୍ୟ ହୋଇଥିଲା କିନ୍ତୁ ସେଠାରେ ରହୁଥିବା କିଛି ବ୍ୟକ୍ତିବିଶେଷ ସର୍ବସାଧାରଣଙ୍କ ପାଇଁ ହୋଇଥିବା ଦୁଇଟି ଛୋଟ ବଡ଼ ପାର୍କକୁ ନିଜ ଇଚ୍ଛାରେ ବ୍ୟବହାର କରି ଯଥା-ପାର୍କ ଭିତରେ ଦୁର୍ଗାପୂଜା କରିବା, ଗଣେଶ ପୂଜା କରିବା ଏବଂ ସାଂସ୍କୃତିକ କାର୍ଯ୍ୟ କରାଇ ପାର୍କଟିକୁ ନଷ୍ଟ କରିସାରିଲେଣି । ଏତେ ସାହସ ସେମାନଙ୍କର ପ୍ରଶାସନକୁ ଖାତିର ନକରି ଏବେ ସେଠାରେ ଦୁର୍ଗାପୂଜା ୫ ଦିନ କରିବା ପାଇଁ ଛୋଟ ପାର୍କରେ ସୁନ୍ଦର ଘାସ ଏବଂ ଲାଗିଥିବା ଫୁଲଗଛ ଗୁଡ଼ିକୁ ପୁରା ନଷ୍ଟ କରି ଲାଗିଥିବା ଗ୍ରିଲ୍ ଗୁଡ଼ିକୁ କାଟି ନଷ୍ଟ କରି ଦିଆଯାଇଛି ଏବଂ ନିଳମାଧବ ନିବାସର ପ୍ରବେଶ ପଥଟିକୁ ଏବେ ଅବରୋଧ କରି ରଖିଛନ୍ତି । ସେ ଅଂଚଳର ଲୋକମାନେ ଅଭିଯୋଗ କଲାପରେ ମୁଁ ବି.ଡ଼ି.ଏ ସେକ୍ରେଟାରୀଙ୍କୁ ଯୋଗାଯୋଗ କରି ଏ ବିଷୟରେ ଅବଗତ କରାଇଲା ପରେ କହିଥିଲେ ଯେଉଁମାନେ ସେ ଛୋଟ ପାର୍କକୁ ନଷ୍ଟ କରିଛନ୍ତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ କିନ୍ତୁ ଦୁଃଖର ବିଷୟ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ସେଠାରେ ପାର୍କକୁ ନଷ୍ଟ କରି ଦୁର୍ଗାପୂଜା କରିବାକୁ କାହା ଗ୍ରପରେ ଅନୁମତି ଦିଆଗଲା ଏବଂ ବି.ଏମ୍.ସି କୁ ଅବଗତ କରାଯାଇଛି କି ? ଯଦି ବି.ଡ଼ି.ଏ ଅବଗତ କରାଇନି ଛୋଟ ପାର୍କଟିକୁ ନଷ୍ଟ କରିଥିବା ବ୍ୟକ୍ତିବିଶେଷଙ୍କ ଉପରେ ବି.ଏମ୍.ସି ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବି.ଡ଼ି.ଏକୁ ପ୍ରଶ୍ନ ପଚରାଯିବ କି ଏବଂ ଯଥାଶୀଘ୍ର ବି.ଏମ୍.ସି ତରଫରୁ ତଦନ୍ତ କରାଯିବ କି ? ଯେହେତୁ ଏହା ସରକାରଙ୍କ ସମ୍ପତି ସର୍ବସାଧାରଣଙ୍କ ପାଇଁ ହୋଇଥିଲା ବେଳେ କାହା ସ୍ୱାର୍ଥରେ ପାର୍କଟିକୁ ନଷ୍ଟ କରାଗଲା ?

ଉତ୍ତର-୨(୧୦). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୧୩ ରେ ୪ ଗୋଟି ପାର୍କର ରକ୍ଷଣାବେକ୍ଷଣ ପରିବେଶ ବିଭାଗ ଦ୍ୱାରା କରାଯାଇଅଛି । ଯଥା:-ଏଲ୍.ଆଇ.ଜି ଫେଜ୍-୧ କସ୍ତୁରୀ ଏସ୍.ଏଚ୍.ଜି ଦ୍ୱାରା BDA (EWS) ଚନ୍ଦ୍ରଶେଖରପୁର ଶୁଭସନ୍ଧ୍ୟା ଏସ୍.ଏଚ୍.ଜି ଦ୍ୱାରା କଲୋନୀ ପାର୍କ ଚନ୍ଦ୍ରଶେଖରପୁର ଫେଜ୍-୨ (MIG-II) ଶିରିଡ଼ିସାଇ-୨ ଏସ୍.ଏଚ୍.ଜି ଦ୍ୱାରା, Colony Park MIG-II in front of Block No.-16/17 ଗାୟତ୍ରୀ ଏସ୍.ଏଚ୍.ଜି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛନ୍ତି । ଏହି ୪ ଗୋଟି ପାର୍କ ଦାୟିତ୍ୱରେ ୨ ଜଣ ଉଦ୍ୟାନ୍‌ବିତ୍ ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପନ୍ନ କରାଯାଏ । ନୀଳମାଧବ ସମ୍ମୁଖରେ ଥିବା ଦୁଇଟି ପାର୍କ ବି.ଡ଼ି.ଏ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ପାର୍କରେ କରାଯାଉଥିବା ଦୁର୍ଗାପୂଜା, ଗଣେଶ ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାର୍କ ନଷ୍ଟ କରାଯାଉଥିବା ବାବଦରେ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା Central Enforcement Squad ଦ୍ୱାରା ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ।

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ ନଂ-୫୨</u>

ପ୍ରଶ୍ନ-୨(୧୧). ବିମାନବନ୍ଦରରୁ ନୂଆ ବିମାନବନ୍ଦର ଛକ ହୋଇ କ୍ୟାପିଟାଲ୍ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ୨୦୧୮ ବର୍ଷରୁ "ନୋ ହୋର୍ଡ଼ିଙ୍ଗ୍ ଜୋନ୍" ଘୋଷଣା କରାଯାଇଥିଲା ଏବଂ ସମସ୍ତ ହୋର୍ଡ଼ିଙ୍ଗ୍ ବଢିବାକୁ ଲାଗିଛି । ତାଙ୍କୁ ହୋର୍ଡ଼ିଙ୍ଗ୍ ଲଗାଇବା ପାଇଁ ବି.ଏମ୍.ସି ଅନୁମତି ଦେଇଛି କି, ଯଦି ଦେଇଛି କେବେ ଦେଇଛି ତା'ର ଲିଖିତ କପି ଗୃହରେ ଜଣାଇପାରିବେ କି ? ଆଉ କେଉଁ କେଉଁ ଏଜେନ୍ସି ହୋର୍ଡ଼ିଙ୍ଗ୍ ଲଗାଇଛି ଓ କେଉଁ ଏଜେନ୍ସି କେତେ ଟଙ୍କା ବି.ଏମ୍.ସି କୁ ଦେଉଛନ୍ତି ? ଏୟାର୍‌ପୋର୍ଟ ଛକରେ ଲଗାଯାଇଥିବା LED ବୋର୍ଡ଼ଟି ଛକରେ ଲାଗିବା ପାଇଁ ବି.ଏମ୍.ସି କେତେ sq. ft. ଜାଗା ପାଇଁ ଅନୁମତି ଦେଇଛନ୍ତି ଏବଂ "ନୋ ହୋର୍ଡ଼ିଙ୍ଗ୍ ଜୋନ୍" ହୋଇଥିଲେ ମଧ ବି.ଏମ୍.ସି କିଭଳି ଭାବରେ ଅନୁମତି ଦେଇଛି ?

ଉତ୍ତର-୨(୧୧). ବିମାନବନ୍ଦରରୁ ନୂଆ ବିମାନବନ୍ଦର ଛକ ହୋଇ କ୍ୟାପିଟାଲ୍ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ଲାଗିଥିବା ହୋର୍ଡ଼ିଙ୍ଗ୍ ଗୁଡ଼ିକ ମଧ୍ୟରୁ ନୂଆ ବିମାନବନ୍ଦର ଛକ ନିକଟରେ ଦୁଇ ଗୋଟି ହୋର୍ଡ଼ିଙ୍ଗ୍ ପାଇଁ ବି.ଏମ୍.ସି ଅନୁମତି ଦେଇଛି, ଯାହାକି ଶିଶୁଭବନ ଠାରୁ ଗଙ୍ଗନଗର ରାସ୍ତାରେ ରହିଛି । ଏଥିପାଇଁ M/s Torrent Advertisers ଓ M/s. Team Admark Pvt. Ltd. ସଂସ୍ଥାକୁ ବି.ଏମ୍.ସି ଅନୁମତି ଦେଇଛି । ଅନ୍ୟ ଗୋଟିଏ ହୋର୍ଡ଼ିଙ୍ଗ୍ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ M/s Torrent Advertisers ସଂସ୍ଥା ଲଗାଇଛନ୍ତି । ପ୍ରକାଶ ଥାଉକି, M/s Torrent Advertisers ସଂସ୍ଥା ଗୋଟିଏ LED Board ଲଗାଇଛନ୍ତି ଯାହାର ସାଇଜ୍ 12' X 8'=96 Sq. ft. ଓ ଏଥି ନିମନ୍ତେ ବି.ଏମ୍.ସି ପତ୍ରସଂଖ୍ୟା-୧୭୮୩୮ ତା ୦୯.୦୪.୨୦୨୫ ରିଖ ମୁତାବକ ଅନୁମତି ଦେଇଛି ।

ଶ୍ରୀମତୀ ପୂଜା ମହାରଣା, ୱାର୍ଡ଼ ନଂ-୧୭

ପ୍ରଶ୍ନ-୨(୧୨). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୱାର୍ଡ଼ ନଂ-୧୭ ରେ ଥିବା ଆଚାର୍ଯ୍ୟବିହାର ଛକରେ ବି.ଏମ୍.ସି ଜାଗାରେ ଯେଉଁ LED ବୋର୍ଡ଼ଟି ଲଗାଯାଇଛି, ତାହା କେଉଁ ସଂସ୍ଥା ଦ୍ୱାରା ଲଗାଯାଇଛି ଏବଂ ବି.ଏମ୍.ସି ଦ୍ୱାରା କେତେ sq. ft. ଜାଗା ପାଇଁ ଅନୁମତି ଦିଆଯାଇଛି ଏବଂ ଏପର୍ଯ୍ୟନ୍ତ ବି.ଏମ୍.ସି ସେଠାରୁ କେତେ ଟଙ୍କା କର (ଟ୍ୟାକ୍ସ) ସଂଗ୍ରହ କରିଛି ?

ଉତ୍ତର-୨(୧୨). ୱାର୍ଡ଼ ନଂ-୧୭ ରେ ଥିବା ଆଚାର୍ଯ୍ୟବିହାର ଛକରେ ରହିଥିବା LED ବୋର୍ଡ଼ଟି M/s Torrent Advertisers ସଂସ୍ଥା ଦ୍ୱାରା ଲଗାଯାଇଛି, ଏହା 25 ft. X 12 ft.=300 sq. ft. ର ଅଟେ । ଏହାର ସମ୍ପୂର୍ଣ୍ଣ କାର୍ଯ୍ୟ ଡ଼ିସେମ୍ବର-୨୦୨୫ ରେ ସମାପ୍ତ ହୋଇଛି । ଏହାର Advertisement License Fee ମୂଲ୍ୟାୟନ ନିମନ୍ତେ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଏହାର ସରଜମିନ ତଦନ୍ତ ପରେ ଉକ୍ତ ଆର୍ଡ଼ଭାଟାଇଜ୍‌ମେଂଟ ହୋର୍ଡ଼ିଙ୍ଗ୍ ନିମନ୍ତେ ମୂଲ୍ୟାୟନ କରାଯିବ ।

ଶ୍ରୀ ରାମଚନ୍ଦ୍ର ରଣସିଂହ, ୱାର୍ଡ଼ ନଂ-୫୦

ପ୍ରଶ୍ନ-୨(୧୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ତରଫରୁ କେତୋଟି ଆର୍ଡ଼ଭାଟାଇଜ୍‌ମେଂଟ ସଂସ୍ଥାଙ୍କୁ ପ୍ରାଇଭେଟ୍ ହୋର୍ଡ଼ିଙ୍ଗ୍ ଲଗାଇବା ପାଇଁ ଅନୁମତି ଦିଆଯାଇଅଛି ଏବଂ କେତେ ଟଙ୍କାରେ ଚୁକ୍ତି ହୋଇଛି ଓ କେତେ ଟଙ୍କା ତାଙ୍କ ଠାରୁ ସଂଗ୍ରହ କରାଯାଇଛି ଏବଂ ସେମାନେ ଠିକ୍ ଭାବରେ ଅର୍ଥରାଶି ପଇଠ କରୁଅଛନ୍ତି କି ନାହିଁ ଜଣାଇବେ କି ?

ଉତ୍ତର-୨(୧୩). ଭୁବନେଶ୍ୱର ମହାନଗର ନିଗମ ତରଫରୁ ମହାନଗର ନିଗମାଂଚଳରେ ପ୍ରାଇଭେଟ୍ ଜାଗାରେ ଆର୍ଡ଼ଭାଟାଇଜ୍‌ମେଂଟ ହୋର୍ଡ଼ିଙ୍ଗ୍ ଲଗାଇବା ପାଇଁ ୩୨ ଗୋଟି ସଂସ୍ଥାକୁ ଅନୁମତି ଦିଆଯାଇଛି, ସେଥି ମଧ୍ୟରୁ ୨୫ ଗୋଟି ସଂସ୍ଥା ନିୟମିତ କାର୍ଯ୍ୟରତ ଅଛନ୍ତି । ଗତ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ମାନଙ୍କୁ ଟ ୩୯,୮୧, ୩୦,୮୪୭/- ର ଆର୍ଡ଼ଭାଟାଇଜ୍‌ମେଂଟ ଲାଇସେନ୍ସ ଫି ବାବଦରେ ଅନ୍ତିମ ଦାବୀ (Provisional Demand) କରାଯାଇଥିଲା । ଉକ୍ତ ବାବଦରେ ସମ୍ପୃକ୍ତ ସଂସ୍ଥାମାନେ ଟ ୩,୬୫,୮୯,୯୨୮/-ଙ୍କା ଦାଖଲ କରିଛନ୍ତି ଓ ଟ ୩୬,୧୫,୪୦,୯୧୮/-ଙ୍କା ବକେୟା ରହିଛି । ଏହି ବକେୟା ବାବଦରେ ଉକ୍ତ ସଂସ୍ଥା ମାନଙ୍କ ସହ ଯୋଗାଯୋଗ କରାଯାଇଥିଲା । ସଂସ୍ଥାମାନଙ୍କ ମତ ଅନୁଯାୟୀ Cybersift Report ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଦାବୀକୁ ପୁନଃ ସରଜମିନ ତଦାରଖ କରାଯାଇ ନିର୍ଣ୍ଣାୟକ ଦାବୀପତ୍ର ପ୍ରଦାନ କରାଗଲେ ଏହି ବକେୟା ବାବଦର ଅର୍ଥ ପଇଠ କରିବେ । ପ୍ରକାଶ ଥାଉକି, ଏହି ତଦାରଖ କାର୍ଯ୍ୟ ସମାପ୍ତ ହୋଇଯାଇଛି ଓ ଏହାର ପୁନଃ ଦାବୀପତ୍ର ପ୍ରସ୍ତୁତ କରାଯାଇ ପଠାଯିବାର ବ୍ୟବସ୍ଥା କରାଯାଉଛି ।

ଶ୍ରୀମତୀ ଗିତାଞ୍ଜଳୀ ସାହୁ, ୱାର୍ଡ଼ ନଂ-୩୯

ପ୍ରଶ୍ନ-୨(୧୪). ସଭାପତି ମହୋଦୟା ବୁଲା କୁକୁର ମାନଙ୍କ ଚିକିତ୍ସା ପାଇଁ ବି.ଏମ୍.ସି ଦ୍ୱାରା ୪ ଜଣ ପଶୁ ଡ଼ାକ୍ତର ନିୟୋଜିତ ହୋଇଥିଲା ବେଳେ କାହିଁକି ବାହାର ଠିକା ସଂସ୍ଥା ମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ଅନୁମତି ଦିଆଯାଇଛି ଏବଂ ଗୋଟିଏ ବନ୍ଧ୍ୟାକରଣ ପାଇଁ ଠିକା ସଂସ୍ଥାକୁ କେତେ ଟଙ୍କା ଦିଆଯାଉଛି ଏବଂ ବି.ଏମ୍.ସି ଦ୍ୱାରା ନିୟୋଜିତ ଡ଼ାକ୍ତରମାନେ ଟ୧,୭୦,୦୦୦/-ଙ୍କା ଦରମା ହିସାବରେ ପାଖାପାଖି ଟ୭,୦୦,୦୦୦/-ଙ୍କା ନେଇ କ'ଣ କରୁଛନ୍ତି ଯାହା ଫଳରେ କୁକୁରମାନେ ବନ୍ଧ୍ୟାକରଣ ପରେ ଛୁଆ ଜନ୍ମ କରୁଛନ୍ତି ଏବଂ ମରି ଯାଉଛନ୍ତି ମଧ୍ୟ ।

ଉତ୍ତର-୨(୧୪). AWBI Guidelines ମୁତାବକ ବନ୍ଧ୍ୟାକରଣ କାର୍ଯ୍ୟ ଏକନାମୀ ସଂସ୍ଥା ମାଧ୍ୟମରେ କରାଯିବାର ଆବଶ୍ୟକତା ରହିଅଛି ଏବଂ ଉକ୍ତ ସଂସ୍ଥାଟିକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇ ପ୍ରତି କୁକୁର ବନ୍ଧ୍ୟାକରଣ ଏବଂ ଜଳାତଙ୍କ ଟୀକାକରଣ ବାବଦରେ ଟ୧୬୫୦/-ଙ୍କା ଦିଆଯାଉଅଛି । ବି.ଏମ୍.ସି ରେ ପୂର୍ବ ନିର୍ଦ୍ଧାରିତ ପୋଷ୍ଟ କ୍ରିଏସନ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରୁ ଜଣେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ୩ ଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡେପୁଟେସନ୍‌ରେ ଆସିଛନ୍ତି । ସେମାନେ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ମହାନଗର ନିଗମ ଦ୍ୱାରା ପରିଚାଳିତ ୬ ଗୋଟି ଗୋଶାଳାର ତଦାରଖ କାର୍ଯ୍ୟ ସହ ନିକଟରେ ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବା ରାଜ୍ୟର ପ୍ରଥମ କୁକୁର ଗଣନା କାର୍ଯ୍ୟର ସୁରୁଖୁରୂପେ ସମ୍ପାଦନ କରିଛନ୍ତି । ୧୯୨୯ ମାଧ୍ୟମରେ ଆସୁଥିବା ଅନେକ ଗ୍ରୀଭାନ୍ସ ଗୁଡ଼ିକର ମଧ୍ୟ ନିୟମାନୁଯାୟୀ ସମାଧାନ କରିଛନ୍ତି । ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମକୁ ରାଜ୍ୟର ପ୍ରଥମ ଜଳାତଙ୍କମୁକ୍ତ ଅଂଚଳ ଘୋଷଣା କରିବା ବାବଦରେ ସମୂହ ର୍‍ୟାବିଜ୍ ଟୀକାକରଣ କରିବା କାର୍ଯ୍ୟ ମଧ୍ୟ ସେମାନଙ୍କ ଦ୍ୱାରା କରାଯିବାକୁ ଅଛି । ବନ୍ଧ୍ୟାକରଣ ପରେ ଛୁଆ ଜନ୍ମ କରିବାରନଜିର ଦୃଷ୍ଟିକୁ ଆସିନାହିଁ, ଯଦି ସେପରି କିଛି ନିର୍ଦ୍ଦିଷ୍ଟ କେଶ୍ ଥାଏ ତାହାର ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ।

୧-ଦୁଇଟି କେନେଲ୍‌ର ତଦାରଖ ୨-ବିଭିନ୍ନ କାର୍ଯ୍ୟକ୍ରମ ସମୟରେ ସେମାନେ ବୁଲା ପଶୁ ମାନଙ୍କୁ ମୁକ୍ତ କରିବାର କାର୍ଯ୍ୟ କରୁଛନ୍ତି ୩-ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ବୁଲା କୁକୁର ପାଇଁ ଆସିଥିବା ନିର୍ଦ୍ଦେଶନାମାର ପାଳନ ପାଇଁ ସମସ୍ତ କାର୍ଯ୍ୟଭାର ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଅଛି ।

ପ୍ରଶ୍ନ-୨(୧୫). ଆମ ୱାର୍ଡ଼ରେ ୨୦୨୨ ମସିହା ଠାରୁ ଆଜି ପର୍ଯ୍ୟନ୍ତ ବି.ଏମ୍.ସି ଦ୍ୱାରା କେତେ ଗଛ ଲଗାଯାଇଛି ଏବଂ ତାହାର ରକ୍ଷଣାବେକ୍ଷଣ ପାଇଁ କାହାକୁ ଅନୁମତି ଦିଆଯାଇଛି ଏବଂ ଏହା ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ଗୃହକୁ ଜଣାଇବେ କି ?

ଉତ୍ତର-୨(୧୫). ୨୦୨୨-୨୩, ୨୦୨୩-୨୪ ଏବଂ ୨୦୨୫-୨୬ ବର୍ଷରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୩୯ ନମ୍ବର ୱାର୍ଡ଼ରେ କୌଣସି ବୃକ୍ଷରୋପଣ କରାଯାଇନାହିଁ କିନ୍ତୁ ୨୦୨୪-୨୫ ବର୍ଷରେ ୪୧ ଗୋଟି ଗଛ CSSD NGO ଦ୍ୱାରା ବୃକ୍ଷରୋପଣ କରାଯାଇଅଛି । ଏହି ୪୧ ଗୋଟି ଗଛର ରକ୍ଷଣାବେକ୍ଷଣ ବାବଦକୁ ଗତ ୯ ମାସ ମଧ୍ୟରେ ଟ ୧୫,୪୧୮/-ଙ୍କା (including 18% GST) ଖର୍ଚ୍ଚ ହୋଇଛି ।

<u>ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ, ୱାର୍ଡ଼ ନଂ-୨୭</u>

ପ୍ରଶ୍ନ-୨(୧୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ ନଂ-୨୭ ମଧ୍ୟ ଦେଇ ଯାଉଥିବା ୪ ନଂ ବଡ଼ ଡ୍ରେନ୍ ଜୟଦେବ ବିହାର ଛକ ଠାରୁ ଉପରକୁ ବର୍ଷାଦିନ ପୂର୍ବରୁ କାମ ଆରମ୍ଭ ହୋଇଥିଲା ଏବଂ ୨ ଟା ସ୍ଲଟ୍‌ରେ ପାଖାପାଖି ୧୦୦ ମିଟର କାମ ସରିଯାଇଅଛି ଏବଂ ସେହି କାମକୁ ଆଗକୁ ଅଗ୍ରଗତି କରିବା ପାଇଁ ଲୋକଙ୍କ ଜାଗା ଏବଂ ଘର ଅଧା ଭଙ୍ଗା ହୋଇଅଛି, କିନ୍ତୁ ବର୍ଷାଋତୁ ଆସିଯିବା ଲାଗି କାର୍ଯ୍ୟ ବନ୍ଦ କରାଗଲା, କିନ୍ତୁ ବର୍ତମାନ ଏଜେନ୍ସିକୁ ବାରମ୍ବାର କହିବା ସତ୍ତ୍ୱେ ବି କାର୍ଯ୍ୟ ଆରମ୍ଭ କରୁନାହିଁ ଯାହାଦ୍ୱାରା କି ଯେଉଁ ଲୋକମାନଙ୍କ ଘର ଭଙ୍ଗା ଯାଇଅଛି ଏବଂ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା କି ବର୍ଷା ଛାଡ଼ିବା ପରେ କାର୍ଯ୍ୟ ଆରମ୍ଭ ହେବ, ସେହି ଲୋକମାନେ ବିରକ୍ତି ହେବା ସହିତ ଡ୍ରେନ୍ ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନେ ଅଶାନ୍ତି ହେଉଛନ୍ତି । ଦୟାକରି ଗୃହକୁ ଜଣାଇବେ କି, ଅଧା ଖଣ୍ଡିଆ ହୋଇଥିବା କାମକୁ କେବେ ଆରମ୍ଭ କରିବେ ?

ଉତ୍ତର-୨(୧୬). ୱାର୍ଡ ନଂ-୨୭ ଅନ୍ତର୍ଗତ ଜୟଦେବ ବିହାର ଛକରୁ ଉପରି ଅଂଶରେ ଚାଲୁଥିବା ମୁଖ୍ୟ ଡ୍ରେନ୍-୪ ନିର୍ମାଣ କାମ ବର୍ଷା କାରଣରୁ ଅସ୍ଥାୟୀ ଭାବେ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ବର୍ଷା ଋତୁ ସମାପ୍ତ ପରେ କାମ ପୁନରାରମ୍ଭ ପାଇଁ ସଂପୃକ୍ତ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କୁ ତତ୍କାଳ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମିତ୍ତେ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି।

ଏହା ସହିତ ନିର୍ମାଣ କାର୍ଯ୍ୟରେ ବିଳମ୍ବ ରୋକିବା ପାଇଁ ଆପାତକାଳୀନ ଡ୍ରେନ୍ ନିର୍ମାଣ ଉଦ୍ଦେଶ୍ୟରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ-2003ର ଧାରା-୨୮ ଅନୁସାରେ ଜମି ସମ୍ପର୍କିତ ପ୍ରସ୍ତାବକୁ ସମାନାନ୍ତର ଭାବେ ଜମି ବିଭାଗ ସହ ଗ୍ରହଣ କରାଯାଉଛି। କାମକୁ ଆଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିବା ଓ ପ୍ରଭାବିତ ଲୋକମାନଙ୍କ ଅସୁବିଧା ଦୂର କରିବା ପାଇଁ ନିରନ୍ତର ନିରୀକ୍ଷଣ କରାଯାଉଛି।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫

ପ୍ରଶ୍ନ-୨(୧୭). ଗତ ପ୍ରବାସୀ ଭାରତୀୟ ଉତ୍ସବ ଉପଲକ୍ଷେ ୱାର୍ଡ ନଂ-୫୫ ରେ ଅନେକ ଗୁଡ଼ିଏ ସୌନ୍ଦର୍ଯ୍ୟକରଣ ଏବଂ ପେଭର୍ ବ୍ଲକ୍ ସମ୍ପ୍ରସାରଣ କାର୍ଯ୍ୟ କରାଯାଇଥିଲା ।

(କ) ଏଥିରେ କେତେ ଟଙ୍କାର କାମ କରାଯାଇଥିଲା ବା ଅର୍ଥ ବରାଦ ହୋଇଥିଲା ?

(ଖ) ଏହି କାମ ଗୁଡ଼ିକୁ କେତେ ଗୋଟି ଟେଣ୍ଡର ଫାଇଲ୍ ଓ ଏଗ୍ରିମେଂଟ କରାଯାଇଥିଲା ? (Tender File Nos.)

(ଗ) ଉକ୍ତ କାର୍ଯ୍ୟ ଗୁଡ଼ିକ କେତୋଟି ଏଜେନ୍ସି ପାଇକରି ବି.ଏମ୍.ସି ସହ ଚୁକ୍ତିବଦ୍ଧ ହୋଇଥିଲେ, ସେମାନଙ୍କର ନାମ, ଏଷ୍ଟିମେଟ୍‌ର ପରିମାଣ ଓ କାର୍ଯ୍ୟର ନାମ, ୱାର୍କ ଅର୍ଡ଼ର୍ କପି ?

(ଘ) ଏହି କାର୍ଯ୍ୟ ଗୁଡ଼ିକ କେବେ ସମ୍ପାଦନ ହୋଇଥିଲା, କେବେ ଏବଂ କେତେ ଟଙ୍କା ଏ କାର୍ଯ୍ୟ ବାବଦରେ ଫାଇନାଲ୍ ବିଲ୍ ପ୍ରଦାନ କରାଯାଇଛି ?

(ଙ) ଏହି କାର୍ଯ୍ୟକୁ ସମ୍ପାଦନ କରିଥିବା ଏବଂ ବିଲ୍ କରିଥିବା ବା Check measurement କରିଥିବା Asst. Engineer, Asst. Executive Engineer ଏବଂ Executive Engineer/ Superintending Engineer ଙ୍କର ନାମ ଇତ୍ୟାଦି ଗୃହରେ ଉପସ୍ଥାପନ କରାଯାଉ ।

ଉତ୍ତର-୨(୧୭). (କ) ଏଥିରେ ଟ୭୫,୯୧,୬୦୦/-ଙ୍କା ବରାଦ ହୋଇଥିଲା ।

(ଖ) ସମୁଦାୟ ୧୬ ଗୋଟି କାମରୁ ୧୪ ଗୋଟି କାମ Engineering License ମାଧ୍ୟମରେ, ୧ ଗୋଟି କାମ Departmental ମାଧ୍ୟମରେ ଏବଂ ଅବଶିଷ୍ଟ ୧ ଗୋଟି Short Quotation Call Notice ମାଧ୍ୟମରେ କରାଯାଇଥିଲା ।

(ଗ) ଏହାର କପି ପ୍ରଦାନ କରାଯାଇଅଛି ।

(ଘ) ଏହାର କପି ପ୍ରଦାନ କରାଯାଇଅଛି ।

(ଙ) ଏହାର କପି ପ୍ରଦାନ କରାଯାଇଅଛି ।

ପ୍ରଶ୍ନ-୨(୧୮). ଚଳିତ ମାସ ୧୦ ତାରିଖରେ ବିଭିନ୍ନ ଏନ୍.ଜି.ଓ ମାନଙ୍କ ଅଧିନରେ କାର୍ଯ୍ୟରତ ଥିବା vehicle Co-ordinator ମାନଙ୍କୁ ଦିନକୁ ୧୬ ଘଂଟା କାମ କରିବା ପାଇଁ (ସକାଳ ୬ ଘଟିକାରୁ ଦିନ ୨ ଘଟିକା) ଏବଂ (ଦିନ ୨ ଘଟିକାରୁ ରାତି ୧୦ ଘଟିକା) ମହାନଗର ନିଗମର Addl. Commissioner ମହୋଦୟ Letter No.-SBAC/264/2025 ତା ୧୦.୧୨.୨୦୨୫ ରିଖରେ ଏକ ଅର୍ଡ଼ର୍ କାଢ଼ିଥିଲେ ଯାହାକି Odisha Labour Law Working Hours ଅନୁଯାୟୀ (Key provisions-Factories, shops & Establishment Act-1948) Govt. of Odisha କୁ violate କରୁଅଛି । ଦ୍ୱିତୀୟତଃ ରାଜ୍ୟ ସରକାରଙ୍କର ଶ୍ରମ ବିଭାଗ ନିୟମ ଅନୁଯାୟୀ ସମସ୍ତ କର୍ମଚାରୀ maximum ୯ ଘଂଟା କାମ କରିପାରିବେ । ଏ ବାବଦରେ ଚଳିତ ମାସରେ ମାନନୀୟା ମେୟରଙ୍କ ଅଧ୍ୟକ୍ଷତାରେ ବସିଥିଲା । ସାଉଥ୍ ଇଷ୍ଟ୍ ଜୋନ୍ Review ମିଟିଙ୍ଗ୍‌ରେ ନିଜେ ମେୟର ମହୋଦୟା ବିରକ୍ତି ପ୍ରକାଶ କରି ଏହାକୁ Cancel କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଯାହାକୁ କର୍ପୋରେସନ ଦୃଢ ସମ୍ମତି ଜଣାଇଥିଲେ । କିନ୍ତୁ ଆଜି ଯାଏଁ ଉକ୍ତ ଅର୍ଡ଼ରକୁ Cancel କରାଯାଇନାହିଁ କାହିଁକି ? ତୃତୀୟତଃ ବି.ଏମ୍.ସି ଉକ୍ତ କର୍ମଚାରୀ ମାନଙ୍କ ପାଇଁ ମାସିକ ଟ୨୬,୦୦୦/-ଙ୍କା ଦରମା ବାବଦରେ ଅର୍ଥ ପ୍ରଦାନ କରୁଥିଲେ ମଧ୍ୟ ସମ୍ପୃକ୍ତ ଏନ୍.ଜି.ଓ ମାତ୍ର ଟ ୧୪,୦୦୦/-ଙ୍କା ମାସିକ ବେତନ ପ୍ରଦାନ କରୁଅଛି କାହିଁକି ?

ଉତ୍ତର-୨(୧୮). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱେଲ୍‌ଥ ସେଂଟର (ଏମ୍.ସି.ସି/ଏମ୍.ଆର୍.ଏଫ୍) ଗୁଡ଼ିକ ଦୁଇଟି ସିଫ୍ଟରେ ଯଥା- ସକାଳ ୬ ଘଟିକାରୁ ଅପରାହ୍ନ ୨ ଘଟିକା ଏବଂ ଅପରାହ୍ନ ୨ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହୁଛି । ଭୁବନେଶ୍ୱର ମହାନଗର ନିଗମର ପତ୍ରସଂଖ୍ୟା-୬୩୪୨୦ ତା ୧୧.୧୨.୨୦୨୫ ରିଖ ଅନୁଯାୟୀ ଏନ୍.ଜି.ଓ ମାନଙ୍କ ଦ୍ୱାରା ନିଯୋଜିତ Vehicle Co-ordinator/Plant Manager ମାନଙ୍କୁ କାର୍ଯ୍ୟର ଆବଶ୍ୟକତା ଅନୁସାରେ ଏମ୍.ସି.ସି/ଏମ୍.ଆର୍.ଏଫ୍ ଗୁଡ଼ିକରେ ସିଫ୍ଟ ଅନୁଯାୟୀ ୮(ଆଠ) ଘଂଟା କାର୍ଯ୍ୟାବଧିରେ (ସକାଳ ୬ ଘଟିକାରୁ ଅପରାହ୍ନ ୨ ଘଟିକା କିମ୍ବା ୨ ଘଟିକାରୁ ରାତି ୧୦ ଘଟିକା) କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ବ୍ୟବସ୍ଥା Odisha Labour Law ରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଘଂଟା ସମ୍ବନ୍ଧୀୟ ପ୍ରାବଧାନ ଅନୁଯାୟୀ ଅଟେ ।

ଏନ୍.ଜି.ଓ ମାନଙ୍କ ଦ୍ୱାରା ନିୟୋଜିତ Vehicle Co-ordinator ମାନଙ୍କୁ ଚୁକ୍ତି ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ତରଫରୁ ମାସିକ ଟ ୨୬,୫୦୦/-ଙ୍କା ଦରମା ପ୍ରଦାନ କରାଯାଏ, ଯେଉଁଥିରେ ପରିବହନ/ଇନ୍ଧନ ଦେୟ ରାଶି ଟ ୧,୫୦୦/-ଙ୍କା ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଯଦି କୌଣସି ଏନ୍.ଜି.ଓ ସଂସ୍ଥା ଦ୍ୱାରା ଏହି Vehicle Co-ordinator ମାନଙ୍କୁ ଚୁକ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ଦରମା ଠାରୁ କମ୍ ଦରମା ପ୍ରଦାନ କରାଯାଉଥିବାର ଅଭିଯୋଗ ନିର୍ଦ୍ଦିଷ୍ଟ ଭାବେ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହେଲେ ସେ ସମ୍ବନ୍ଧରେ ତଦନ୍ତ କରାଯାଇ ସମ୍ପୃକ୍ତ ଏନ୍.ଜି.ଓ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶ୍ରୀ ଅଜିତ୍ ବେହେରା, ୱାର୍ଡ ନଂ-୪୪

ପ୍ରଶ୍ନ-୨(୧୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମର ଆଇନଗତ ଭାବେ ୱାର୍ଡ ଅଫିସର ନିଯୁକ୍ତି ହୋଇଥିଲେ କି, ଯଦି ହୋଇନଥିଲେ ଟ୍ୟାକ୍ସ କଲେକ୍ଟର ୱାର୍ଡ ଅଫିସରର ପଦବୀ ରୂପ ବଦଳିଲା ନା ପୁନଃନିଯୁକ୍ତି ହେଲା ? ଜଣେ ଟ୍ୟାକ୍ସ କଲେକ୍ସନ୍ କେତୋଟି ୱାର୍ଡରୁ କରୁଛନ୍ତି, କେତେ ସମୟରେ କରୁଛନ୍ତି ଓ ୱାର୍ଡ ଅଫିସରର ଦାୟିତ୍ୱ କେଉଁ କେଉଁ ସମୟରେ କେଉଁ କେଉଁ ୱାର୍ଡରେ କରୁଛନ୍ତି । ଏସ୍.ଆଇ ପରିବର୍ତ୍ତନ ପରେ ୱାର୍ଡ ଅଫିସର ପରିବର୍ତ୍ତନ କେବେ ଓ ଏମାନଙ୍କର ୱାର୍ଡରେ ନିଯୁକ୍ତି ସମୟସୀମା କେତେ ?

ଉତ୍ତର-୨(୧୯). ଭୁବନେଶ୍ୱର ମହାନଗର ନିଗମରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ୱାର୍ଡ ଅଫିସର ନିଯୁକ୍ତ ହୋଇନାହାଁନ୍ତି । ୩୫ ଜଣ ଟିକସ ଅସୁଲକାରୀ ୱାର୍ଡ ଅଫିସର ଭାବେ କାର୍ଯ୍ୟ ପରିଚାଳନା କରୁଛନ୍ତି । ଆବଶ୍ୟକ ସଂଖ୍ୟକ ୱାର୍ଡ ଅଫିସର ନଥିବାରୁ ପ୍ରତ୍ୟେକ ୱାର୍ଡ ଅଫିସରଙ୍କୁ ୨/୩ ଗୋଟି ୱାର୍ଡରୁ ଟିକସ ସଂଗ୍ରହ କରିବା ନିମନ୍ତେ ନିୟୋଜିତ କରାଯାଇଅଛି ।

ଶ୍ରୀ ରାଜକିଶୋର ଦାସ, ୱାର୍ଡ ନଂ-୩୦

ପ୍ରଶ୍ନ-୨(୨୦). ୱାର୍ଡ ନଂ-୩୦ ସହିଦନଗର ସ୍ଥିତ ମୌଜା-ସହିଦନଗର ସ୍ଥିତ ପ୍ଲଟ୍ ନଂ-୧୧୧ (ପି), ୯୪ (ପି), ୧୩୯ (ପି) ଏବଂ ୧୪୨ (ପି) ଖାତା ନଂ-୧୦୩୩, ମୋଟ ଏରିଆ ଏ୨.୬୮୮ ଡ଼ିସିମିଲ୍ ବି.ଏମ୍.ସି ଜମିରେ କର୍ପୋରେସନ ଦ୍ୱାରା ଅନୁମୋଦିତ ହୋଇଯାଇଥିବା ଯୋଜନା ଅଡ଼ିଟୋରିୟମ୍, ଲାଇବ୍ରେରୀ ବାରମ୍ବାର ଆଲୋଚନା ସତ୍ୱେ ଆଉ କେତେ ବର୍ଷ ଏହି ଯୋଜନା ଶୀତଳ ଭଣ୍ଡାରରେ ପଡ଼ିରହିବ । ବି.ଏମ୍.ସି ର ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଜବରଦଖଲ ବଢ଼ିଚାଲିଛି । ଏଣୁ ମୋର ନିମ୍ନଲିଖିତ ପ୍ରଶ୍ନ:-

୧) ସହିଦନଗର ସ୍ଥିତ ପ୍ଲଟ୍ ନଂ-୧୧୧ (ଅଂଶ), ୯୪ (ଅଂଶ), ୧୩୯ (ଅଂଶ) ଏବଂ ୧୪୨ (ଅଂଶ) ମୋଟ ଏ୨.୬୮୮ ଡ଼ି. ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ୧୯୯୯ ମସିହା ଠାରୁ ବି.ଏମ୍.ସି କୁ ହସ୍ତାନ୍ତର ହୋଇଥିବା ଜାଗା ଉପରେ ତିଆରି ହେବାକୁ ଥିବା ଅଡ଼ିଟୋରିଅମ୍ ଏବଂ ଲାଇବ୍ରେରୀ ଯୋଜନାର ବର୍ତ୍ତମାନର ସ୍ଥିତାବସ୍ଥା ବିବରଣୀ ଜଣାନ୍ତୁ ଏବଂ ଭବିଷ୍ୟତର ଯୋଜନା କ'ଣ ?

ଉତ୍ତର-୨(୨୦). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରଶ୍ନ-୨(୨୧). ବି.ଏମ୍.ସି ଭବାନୀ ଏନକ୍ଲେଭରେ ହାଟ ନିମନ୍ତେ ୨୧୮ ଗୋଟି ପିଣ୍ଡି ଏବଂ ୮୧ ଟି ଦୋକାନ ଘର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସ୍ଥଳେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ନେଇ ଉକ୍ତ ହାଟ ପରିବେଶକୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ନିର୍ଦ୍ଦିଷ୍ଟ ସମୟସୀମା ଜଣାନ୍ତୁ ?

ଉତ୍ତର-୨(୨୧). ବି.ଏମ୍.ସି ଭବାନୀ ଏନକ୍ଲେଭ୍ ବେସମେଣ୍ଟ ଫ୍ଲୋର୍‌ରେ ଥିବା ହାଟର କାମ ସମାପ୍ତ କରିବା ପାଇଁ E.E-III ଙ୍କୁ ପତ୍ରସଂଖ୍ୟା-୬୬୪୫୭ ତା ୨୬.୧୨.୨୦୨୫ ରିଖରେ ଜଣାଇ ଦିଆଯାଇଅଛି ଏବଂ ଯେଉଁ ଭେଣ୍ଡରମାନେ ଅମାନତ ରାଶି ପୂର୍ବରୁ ଦାଖଲ କରିଥିଲେ ଗତ ତା ୨୯.୧୧.୨୦୨୫ ରିଖ, ତା ୧୨.୧୨.୨୦୨୫ ରିଖ ଏବଂ ତା ୩୦.୧୨.୨୦୨୫ ରିଖରେ ଲଟେରୀ କରାଯାଇ ଆବଂଟନ କରାଯାଇଅଛି । ଏହି ହାଟର କାମ ସମାପ୍ତ ପରେ ଆସନ୍ତା ମାସରେ ଏହି ହାଟର ବ୍ୟବସାୟୀ ମାନଙ୍କୁ ଏହିଠାରେ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯିବ ।

ପ୍ରସ୍ତାବ-୩.　ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩.　ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪.　ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୨୨.୧୨.୨୦୨୫ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୧୯.୧୨.୨୦୨୫ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୧୭.୧୨.୨୦୨୫ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୮.୧୨.୨୦୨୫ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୨୦.୧୨.୨୦୨୫ ରିଖ ଓ ତା ୨୯.୧୨.୨୦୨୫ ରିଖ ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୭.୧୨.୨୦୨୫ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୯.୧୨.୨୦୨୫ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୪.୧୨.୨୦୨୫ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୮.୧୨.୨୦୨୫ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୧୯.୧୨.୨୦୨୫ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫.　**ଭୁବନେଶ୍ୱର ମହାନଗର ନିଗମର ନଭେମ୍ବର-୨୦୨୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫.　ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ-୬.    ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୩୧.୧୨.୨୦୨୫ ରିଖ)

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ଼ ନଂ-୪୨</u>

ପ୍ରସ୍ତାବ-୬(୧). ୱାର୍ଡ଼ ମଧ୍ୟରେ ଥିବା ସରକାରୀ ଜମିକୁ ମାଡ଼ି ବସିଥିବା କେତେକ ବିଲଡ଼ର, ହୋଟେଲ୍ ଏବଂ ବ୍ୟକ୍ତି ମାନଙ୍କୁ ଅମିନ ଦ୍ୱାରା ଚିହ୍ନଟ କରିପାରିଲେ ୱାର୍ଡ଼ରେ Eviction କରାଗଲେ ବହୁତ ସାଧାରଣ ଲୋକ ସେଠାରେ ବ୍ୟବସାୟ କରି ଉପକୃତ ହୋଇପାରନ୍ତେ ।

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୨). ବି.ଏମ୍.ସି ଦ୍ୱାରା ପ୍ରତ୍ୟେକ ଦୋକାନ ଉପରେ ଗୁଟ୍‌ଖା ଉପରେ ରୋକ୍ ଲଗାଗଲେ ଭୁବନେଶ୍ୱରର ଅଳିଆ ଆବର୍ଜନା ୫୦% କମିଯାନ୍ତା । ରାସ୍ତା ସଫା କଲେ ମଧ ଗୁଟ୍‌ଖା ଜରି ପ୍ରତ୍ୟେକ ଜାଗାରେ ଲୋକ ପକେଇ ଦେଇ ଯାଉଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ଼ ନଂ-୪୩</u>

ପ୍ରସ୍ତାବ-୬(୩). ସଭାପତି ମହୋଦୟା, ଆମ ଲକ୍ଷ୍ମୀସାଗର ଅଂଚଳ ଏକ ପୁରାତନ ଅଂଚଳ ଏବଂ ଏହାର ଆଖପାଖ ଅଂଚଳକୁ ନେଇ ଲକ୍ଷ୍ମୀସାଗର ୱାର୍ଡ଼ ନଂ-୪୩ ଏକ ବଡ଼ ଅଂଚଳରେ ପରିବର୍ତନ ହୋଇଛି । କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇନାହିଁ । ମୋର ଗୃହ ମାଧ୍ୟମରେ ଆପଣଙ୍କୁ ଅନୁରୋଧ ଯଦି ବି.ଏମ୍.ସି ତରଫରୁ ଆମ ଲକ୍ଷ୍ମୀସାଗର ଅଂଚଳରେ ଏକ ମାର୍କେଟ୍ କମ୍ପ୍ଲେକ୍ସ କରାଯାଏ ଏହି ଅଂଚଳରେ ଥିବା ସମସ୍ତ ଉଠା ଦୋକାନୀଙ୍କୁ ଥଇଥାନ କରାଯାଇପାରନ୍ତା ଏବଂ ବି.ଏମ୍.ସି ର ମଧ ଆୟ ବୃଦ୍ଧି ହୋଇପାରନ୍ତା, ଆହୁରି ମଧ ମାର୍କେଟ୍ କମ୍ପ୍ଲେକ୍ସ କରାଗଲେ ଆମ ଅଂଚଳର ସୌନ୍ଦର୍ଯ୍ୟକରଣରେ ଆହୁରି ବୃଦ୍ଧି ହୋଇପାରିବ ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରସ୍ତାବ-୬(୪). ସଭାପତି ମହୋଦୟା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ କି ମୋ ୱାର୍ଡ଼ରେ ଥିବା ପୋଖରୀର ନାମଟିକୁ ଏକ ବ୍ୟକ୍ତିବିଶେଷ ନାମରେ ରଣା ଗାଡ଼ିଆ ପ୍ରୋଜେକ୍ଟ ପଣ୍ଡ ନରଖି ବି.ଡ଼ି.ଏ କଲୋନୀ ପୋଖରୀ ନାମରେ ନାମିତ କରିବା ପାଇଁ ବହୁବାର ଗୃହରେ ଆଲୋଚନା କଲାପରେ ମଧ ସେହି ଆଠ ନମ୍ବର ୱାର୍ଡ଼ ଥିବା ରଣା ଗାଡ଼ିଆ ପ୍ରୋଜେକ୍ଟ ପଣ୍ଡ ସହ ଭୁଲ୍‌ବଶତଃ ଯୋଡ଼ି ହୋଇ ଉନ୍ନତିମୂଳକ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ଏକ ବ୍ୟକ୍ତିବିଶେଷ ନାମରେ ନରଖି ବି.ଡ଼ି.ଏ କଲୋନୀ ପୋଖରୀ ନାମରେ ନାମିତ କରାଯିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ରାମଚନ୍ଦ୍ର ରଣସିଂହ, ୱାର୍ଡ଼ ନଂ-୫୦</u>

ପ୍ରସ୍ତାବ-୬(୫). ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଭିନ୍ନ ୱାର୍ଡ଼ରେ ନିଯୁକ୍ତ କରାଯାଇଥିବା ସ୍ୱଚ୍ଛ ସୁପରଭାଇଜର ଓ ସ୍ୱଚ୍ଛସାଥି ମାନଙ୍କର ମାସିକ ବେତନ ବଢ଼ାଇବା ପାଇଁ ବିଚାର ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଗିତାଞ୍ଜଳୀ ସାହୁ, ୱାର୍ଡ଼ ନଂ-୩୯</u>

ପ୍ରସ୍ତାବ-୬(୬). ସଭାପତି ମହୋଦୟା ବି.ଏମ୍.ସି ର ପ୍ରତ୍ୟେକ ୱାର୍ଡ଼ରେ କିଛି କିଛି ସୋଲାର୍ ଲାଇଟ୍ ଲଗାଇବା ପାଇଁ ବ୍ୟବସ୍ଥା କରାଯାଉ ।

ନିର୍ଦ୍ଧାରଣ-୬(୬). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ, ଓ୍ୱାର୍ଡ ନଂ-୨୭

ପ୍ରସ୍ତାବ-୬(୭). ସଭାପତି ମହୋଦୟା ନୟାପଲ୍ଲୀ ଥାନା ଛକ ଠାରୁ ସାଲିଆସାହି ଛକ ପର୍ଯ୍ୟନ୍ତ ନାମିତ ହୋଇଥିବା ଭାନୁମତି ରୋଡ୍ ଯାହାକି ଭୁବନେଶ୍ୱର ମହାନଗର ନିଗମ ତତ୍ୱାବଧାନତାରେ ପ୍ରଶସ୍ତିକରଣ ଏବଂ ଆଧୁନିକରଣ କରାଯାଉଅଛି ଏବଂ ସେହି ରୋଡ୍‌କୁ Commissioner of Police No Parking Zone Declar କରିଅଛନ୍ତି, ସେଥିପାଇଁ ସେ ରାସ୍ତାକୁ ଲାଗିକି ଥିବା କେଶ୍ ନଂ-୧୪୨୭ (Mouza-Jayadev Vihar) ପ୍ଲଟ୍ ନଂ-୧୮୦୩ ରେ ଥିବା ଖାଲି ଜାଗାକୁ Paid Parking Place ରେ Develop କରିବା ପାଇଁ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ନୃପେଶ କୁମାର ନାୟକ, ଓ୍ୱାର୍ଡ ନଂ-୫୫

ପ୍ରସ୍ତାବ-୬(୮). ସମ୍ପ୍ରତି ନୂତନ ସରକାର ଗଠନ ଠାରୁ ମହାନଗର ନିଗମରେ ପ୍ରବଳ ଅର୍ଥାଭାବ ଆରମ୍ଭ ହୋଇଯାଇଛି, ଯାହା ଫଳରେ ଅନେକ ଗୁଡ଼ିଏ Public Development Works ବନ୍ଦ ହୋଇପଡ଼ିଛି । ଏଭଳି ଦୟନୀୟ ସ୍ଥିତିରେ ଜନମଙ୍ଗଳ କାର୍ଯ୍ୟ ସୁଗ୍ଧରୁରୂପେ କରିବା ପାଇଁ ଏକମାତ୍ର ସହାୟକ ହେଉଅଛି ମହାନଗର ନିଗମର ନିଜସ୍ୱ ଆୟ । କିନ୍ତୁ ଅଧିକାରୀ ମାନଙ୍କର ଢଙ୍ଗ ରଙ୍ଗ ଦେଖିଲେ ଅର୍ଥ ଅଭାବର ଟିକେ ହେଲେ ଶଙ୍କା ଦେଖାଯାଏ ନାହିଁ । ବର୍ଷ ବର୍ଷ ଧରି ରହିଥିବା Fix Deposit ଗୁଡ଼ିକ ଧିରେ ଧିରେ ଭଙ୍ଗା ହୋଇ ଖର୍ଚ୍ଚ ସରିଲାଣି ତଥାପି କାହା ନିଦ ଭାଙ୍ଗୁନାହିଁ । ମୋ ଜାଣିବାରେ ବର୍ଷ ୨୦୨୩ ରୁ ବର୍ଷ ୨୦୨୫ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ Advertising Agency Private Area ରେ ଲାଗିଥିବା Advertisement ର License Fee/ Display Fee ବାବଦରେ କୋଟି କୋଟି ଟଙ୍କା ବକେୟା ରଖିଛନ୍ତି । ଉଦାହରଣସ୍ୱରୂପ :-
କ)Selvel Advertising Pvt. Ltd. Rs.7,00,00,000/- (Due) ଖ)Lalit Media Services-Rs.30,00,000/-(Due) ଗ)Bharat Advertisers-Rs.1,50,00,000/-(Due) ଘ)Torrent Advertisers-Rs.2,00,00,000/-(Due) ଙ)Spl. Outdoor Advertising-Rs.2,50,00,000(Due) ଚ)Prince Advertiser- Rs.4,00,00,000/-(Due) ଛ)Appollo Advertising Agency-Rs.10,00,000/-(Due) ଜ)Chitralok Advertising-Rs.2,00,00,000/-(Due) ଝ)Balvia Advertisement Pvt. Ltd.-Rs.50,00,000/-(Due) ଞ)Nilakantheswar Advertiser-Rs.15,00,000/-(Due) ଟ)Galaxy Advertiser-Rs.60,00,000/- (Due) ଠ)Media mines Advertising- Rs.60,00,000/-(Due) ଡ଼)Dream Advertising-Rs.1,00,00,000/- (Due)
ଏହିଭଳି ଆହୁରି ଅନେକ ସଂସ୍ଥା କୋଟି କୋଟି ଟଙ୍କା ଘୁପି ବସିଛନ୍ତି । ଏ ବାବଦରେ ସବିଶେଷ ଆଲୋଚନା କରାଯାଇ ଯୁଦ୍ଧକାଳୀନ ଭିତରେ ଆମର ଏହି ଜରୁରୀକାଳୀନ ସ୍ଥିତିକୁ ସୁଧାରିବା ପାଇଁ ଉପରୋକ୍ତ କମ୍ପାନୀ ମାନଙ୍କ ଠାରୁ ବକେୟା ଅର୍ଥ ଆଦାୟ ନିମନ୍ତେ ପଦକ୍ଷେପ ନେବାପାଇଁ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ପ୍ରସ୍ତାବ ବର୍ଣ୍ଣିତ ସଂସ୍ଥାମାନେ ବକେୟା ଅର୍ଥ ନଦେଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୯). ବିଭିନ୍ନ ସମୟରେ ଏହି କିଛି ଦିନ ହେବ ବି.ଏମ୍.ସି ତରଫରୁ ବିଭିନ୍ନ ଗ୍ଲଳିଆ ହୋଟେଲ୍ ବା ରାସ୍ତାକଡ଼ labour camp ଇତ୍ୟାଦି ଉପରେ ଅଯ୍ୟନକ ଚଢାଉ କରି କାଠ, ଶୁଖିଲାପତ୍ର, କୋଇଲା ଓ Tyre ଇତ୍ୟାଦି ଜାଳୁଥିଲେ, ଅଧିକାରୀମାନେ ଏହି ସଂସ୍ଥା ଗୁଡ଼ିକୁ ଜୋର ଜବରଦସ୍ତ ସିଲ୍ କରି ଲକ୍ଷାଧିକ ଟଙ୍କା ଫାଇନ୍ ଆକାରରେ ଆଦାୟ କରୁଛନ୍ତି । ମୋ ମତରେ ଏହିସବୁ ମ୍ୟାଟେରିଆଲ୍ ସାଧାରଣତଃ ଉପରୋକ୍ତ ସ୍ଥାନ ମାନଙ୍କରେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକମାନେ ଜାଳିଥାନ୍ତି । ପ୍ରଥମତଃ ମହାନଗର ନିଗମର ୨୦୦୩ ମ୍ୟୁନିସିପାଲ୍ ଆକ୍ଟ୍‌ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ଦଣ୍ଡବିଧାନ ବ୍ୟବସ୍ଥା ଆର୍ଥିକ ବା ସଂସ୍ଥା ସିଲ୍ କଲାଭଳି କୌଣସି କ୍ଷମତା ଓଡ଼ିଶା ମହାନଗର ନିଗମ ଆକ୍ଟର ଆପ୍ରୁଭାଲ୍ ପାଇନାହିଁ । ଏଣୁ ବିନା ଆଇନ୍‌ରେ ମନଇଚ୍ଛା ସଂସ୍ଥା ସିଲ୍ କରିବା ବା ଲକ୍ଷାଧିକ ଟଙ୍କା ଅସୁଲ କରିବା ଅତ୍ୟନ୍ତ ବେଆଇନ୍ କାର୍ଯ୍ୟ ଯାହାକି ବି.ଏମ୍.ସି ର ଗର୍ବ ଓ ଗରିମାକୁ ନିହାତିପକ୍ଷେ କ୍ଷୁର୍ଣ୍ଣ କରୁଛି । ଏଥିପାଇଁ properly ଉପରୋକ୍ତ

ଗରିବ ଓ ଅଶିକ୍ଷିତ ଶ୍ରେଣୀ ମାନଙ୍କୁ ଠିକଣା ଭାବେ ସଚେତନ କରାଯାଉ । ସେମାନେ ଉପଲବ୍ଧି କରନ୍ତୁ ଉପରୋକ୍ତ ଦ୍ରବ୍ୟ ଗୁଡ଼ିକ ଜାଳିଲେ ପରିବେଶ ପ୍ରଦୂଷିତ ହେଉଅଛି ଏବଂ ରାଜ୍ୟ ସରକାରଙ୍କୁ ଏହାପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ୍ ଆଣିବାକୁ ପ୍ରସ୍ତାବ ଦିଆଯାଉ । ତାହା ପୂର୍ବରୁ ବି.ଏମ୍.ସି ର ଯେଉଁ ଅଧିକାରୀମାନେ ମନଇଚ୍ଛା ଫାଇନ୍ ଆଦାୟ କରିବେ ତାଙ୍କ ପାଇଁ ମଧ ଦଣ୍ଡବିଧାନର ବ୍ୟବସ୍ଥା ନିଶ୍ଚିନ୍ତ କରାଯାଉ । ଏହି ପ୍ରସ୍ତାବ ଉପରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ ପାଇଁ ଅନୁରୋଧ ।

ନିର୍ଦ୍ଧାରଣ-୬(୯). ଏ ପ୍ରସ୍ତାବ ଉପରେ ସଚେତନ କରାଯାଉ ସେମାନେ ନମାନିଲେ ତାଙ୍କ ଠାରୁ ଫାଇନ୍ ଆଦାୟ କରିବା ଏବଂ ଏଥିପାଇଁ ଏକ SOP ପ୍ରସ୍ତୁତ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪</u>

ପ୍ରସ୍ତାବ-୬(୧୦). ସାନିଟେସନ୍ କ୍ଷେତ୍ରରେ ହେଉଥିବା ଫାଇନ୍‌କୁ ଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ଆମ୍ଭର ଆବଶ୍ୟକତା ରହୁଅଛି, ଏଣୁ ଫାଇନ୍‌କୁ ବ୍ୟକ୍ତିର ହୋଲ୍ଡ଼ିଂ ଟ୍ୟାକ୍ସରେ ଏକ ଆପ୍ ମାଧମରେ ଜଡ଼ିତ କରାଯାଉ ଏବଂ ଯେ ପର୍ଯ୍ୟନ୍ତ ଫାଇନ୍ ପଇଠ ହୋଇନାହିଁ ସେ ପର୍ଯ୍ୟନ୍ତ ସେ ବ୍ୟକ୍ତିର ହୋଲ୍ଡ଼ିଂ ଟ୍ୟାକ୍ସ କଟାଯିବ ନାହିଁ ।

ଉଦାହରଣ ମଟର ଗାଡ଼ିର ଫାଇନ୍ ପଇଠ ନହୋଇଥିଲେ ଗାଡ଼ିର ବିକ୍ରୀ କିମ୍ବା ବୀମା ହୋଇପାରିବ ନାହିଁ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୧୦). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ୱାର୍ଡ଼ ନଂ-୩୪</u>

ପ୍ରସ୍ତାବ-୬(୧୧). ସତ୍ୟନଗର ଓଭରବ୍ରିଜ୍ ତଳେ ଥିବା ସରକାରୀ ଜାଗା ଉପରେ ଦୈନିକ ହାଟ ନିର୍ମାଣ କରାଯାଉ । ସତ୍ୟନଗରର ବିଭିନ୍ନ ରାସ୍ତା କଡ଼ରେ ପରିବା, ପାନ, ଚିକେନ୍, ମଟନ୍, ଫଳ ଇତ୍ୟାଦି କରି ବ୍ୟବସାୟ କରିବା ଦ୍ୱାରା ସନ୍ଧ୍ୟା ଓ ସକାଳ ସମୟରେ ରାସ୍ତା ଅବରୋଧ ହୋଇ ଗହଳି ହେବାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଦୟାକରି ଗୋଟିଏ ସ୍ଥାନରେ ବ୍ୟବସ୍ଥା କରି ଥଇଥାନ କରାଗଲେ ବ୍ୟବସାୟୀମାନେ ଉପକୃତ ହେବା ସହ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ।

ନିର୍ଦ୍ଧାରଣ-୬(୧୧). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୧୨). ବି.ଏମ୍.ସି ଅଧିନରେ ଯେତେ ଗୁଡ଼ିଏ ୱାର୍ଡ଼ ଅଫିସ୍ ଅଛି ତା'ର ରକ୍ଷଣାବେକ୍ଷଣ ପାଇଁ ୱାର୍ଡ଼ ଅଫିସ୍ ସମସ୍ତ ଦାୟିତ୍ୱ ତୁଲାଇବା ପାଇଁ ସବୁ ୱାର୍ଡ଼ ଅଫିସ୍ ପାଇଁ ଏକ ପିଲା ନିଯୁକ୍ତି ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୧୨). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ରାଜକିଶୋର ଦାସ, ୱାର୍ଡ଼ ନଂ-୩୦</u>

ପ୍ରସ୍ତାବ-୬(୧୩). ସହିଦନଗର ସ୍ଥିତ ଓମ୍‌ଫେଡ୍ ଅଫିସ୍ ନିକଟସ୍ଥ ଅସ୍ଥାୟୀ ହାଟ, ପରିମଳ ଏବଂ ରାସ୍ତାର ଅନେକ ଅବ୍ୟବସ୍ଥା ପରିସ୍ଥିତି କାରଣରୁ ସାଧାରଣ ଲୋକ ଚଳପ୍ରଚଳରେ ହନ୍ତସନ୍ତ ହେଉଛନ୍ତି । ଇତି ମଧରେ ଅତିରିକ୍ତ ସଚିବ, ଡ଼ାଇରେକ୍ଟର ଅଫ୍ ଇଷ୍ଟେସ୍ ଙ୍କ ନିକଟରୁ ଚିଠି ନଂ-୭୪୪୬, ତା ୨୮.୦୨.୨୦୨୫ ରିଖରେ ହାଟର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବି.ଏମ୍.ସି କୁ ଅନୁମତି ଆସିଅଛି । ଏଣୁ ଦୈନନ୍ଦିନ ଅସ୍ଥାୟୀ ହାଟକୁ ବହୁ ସଂଖ୍ୟାରେ ଯାଉଥିବା ଜନସାଧାରଣଙ୍କ ସୁବିଧା ନିମନ୍ତେ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ।

ନିର୍ଦ୍ଧାରଣ-୬(୧୩). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୧୪). ସହିଦନଗରରେ ଅବସ୍ଥିତ କଲ୍ୟାଣମଣ୍ଡପର ପାର୍କିଙ୍ଗ୍ ସମ୍ବନ୍ଧରେ ବହୁବାର ଆଗରୁ କର୍ପୋରେସନ ମିଟିଙ୍ଗ୍‌ରେ ଆଲୋଚନା ହୋଇସାରିଛି । ଏପର୍ଯ୍ୟନ୍ତ ପାର୍କିଙ୍ଗ୍ ସମସ୍ୟାର ସମାଧାନ ହୋଇପାରିନାହିଁ । ଏଣୁ ଅନୁରୋଧ ପାର୍କିଙ୍ଗ୍ ସମସ୍ୟା ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ କରାଯାଉ ।

ନିର୍ଦ୍ଧାରଣ-୬(୧୪). ଏ ପ୍ରସ୍ତାବ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୩୧.୧୨.୨୦୨୫ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-

ପ୍ରସ୍ତାବ-୭(୧). M/s. ଟିମ୍ ଆଡ଼ମାର୍କ ପ୍ରାଇଭେଟ୍ ଲିମିଟେଡ୍ କୁ ବକେୟା ଲାଇସେନ୍ସ ଫି ବିଷୟରେ ଅକ୍ଟୋବର ୨୦ ଠାରୁ ଏପ୍ରିଲ୍ ୨୦୨୨ ପର୍ଯ୍ୟନ୍ତ ସମୟ ପାଇଁ ଟ ୮,୨୬,୨୩,୬୦୨/- ପ୍ରଦାନ ପାଇଁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । ଡ଼ିମାଣ୍ଡ ନୋଟିସ୍ ପାଇବା ପରେ ଟିମ୍ ଆଡ଼ମାର୍କ ତାହା ପୁନଃବିଚାର ଏବଂ ପୁନଃ ଗଣନା କରିବାକୁ ଏକ କମିଟିର ଗଠନ ପାଇଁ ଅନୁରୋଧ କରିଥିଲେ, ତଦନୁଯାୟୀ ଏଜେନ୍ସିର ଅଭିଯୋଗକୁ ଦେଖିବା ପାଇଁ ଅତିରିକ୍ତ କମିଶନରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । କମିଟି ସମ୍ପୃକ୍ତ ରେକର୍ଡ଼ ଗୁଡ଼ିକ ସହିତ ଏଜେନ୍ସି ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରସଙ୍ଗର ଯାଂଚ୍ କରି ନିମ୍ନଲିଖିତ ପ୍ରସ୍ତାବକୁ ସୁପାରିଶ କରିଛି ।

୧. ବକେୟା ହିସାବ କରିବା ସମୟରେ କରାଯାଇଥିବା ଗାଣିତିକ ତ୍ରୁଟିକୁ ବିଚାର କରି କମିଟି ସମୁଦାୟ ଅର୍ଥରୁ ଟ ୬୪,୩୪,୮୬୨/- କାଟିବାକୁ ପରାମର୍ଶ ଦେଇଛନ୍ତି ।

୨. ଫନି ବାତ୍ୟା ପାଇଁ ଛାଡ଼ ଅନୁମତି ଦିଆଯାଇଥିବାରୁ ଆଉ କୌଣସି ଛାଡ଼ ଉପରେ ବିଚାର ନକରାଯିବା ପାଇଁ ସୁପାରିଶ କରିବା ।

୩. ପ୍ରଥମ ପର୍ଯ୍ୟାୟ କୋଭିଡ୍-୧୯ ପାଇଁ ଅଧିକ ଛାଡ଼ ଉପରେ ବିଚାର ନ କରିବାକୁ କମିଟି ମଧ ପରାମର୍ଶ ଦେଇଛି ।

୪. କୋଭିଡ୍-୧୯ ଦ୍ୱିତୀୟ ପର୍ଯ୍ୟାୟରେ ଛାଡ଼ ବିଷୟରେ ବିଚାର କରିବାକୁ କମିଟି କର୍ପୋରେସନ ସୁପାରିଶ କରିଛି, କିନ୍ତୁ ଉଲ୍ଲେଖଯୋଗ୍ୟ ଯେ ଏଭଳି ରିହାତି ଦେଲେ ଅନ୍ୟମାନେ ମଧ ସମାନ ଦାବି କରିପାରନ୍ତି ଯାହା ବି.ଏମ୍.ସି ଉପରେ ଆର୍ଥିକ ବୋଝ ବଢାଇବ ।

୫. ସମୁଦାୟ ରାଶି ଉପରେ ସୁଧ ଲାଗୁ କରିବା ସମ୍ପର୍କରେ ।

ଏହା ଉପରେ ଲାଇସେନ୍ସ ଆଣ୍ଡ୍ ଆପିଲ୍ସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧ ତା ୧୮.୧୦.୨୦୨୪ ରିଖରେ ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରୁ ୩ କାଏମ ରଖାଯିବା, କ୍ର.ନଂ-୪ ରେ ଉଲ୍ଲିଖିତ ବିଷୟ ଉପରେ କୌଣସି ଅର୍ଥ ଛାଡ଼ ନକରିବା, କ୍ର.ନଂ-୫ ରେ ଉଲ୍ଲିଖିତ ବିଷୟରେ ଟ ୬୪,୩୪,୮୬୨/- ଛାଡ଼ ଦେବାପରେ ଅବଶିଷ୍ଟ ଅର୍ଥ ଉପରେ Guideline/ Agreement ସର୍ତ ଅନୁଯାୟୀ ସୁଧ ଆଦାୟ କରାଯିବା ଏବଂ ଅର୍ଥ ପଇଠ ନକଲେ ତାଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ପ୍ରକାଶ ଥାଉକି, Reconciliation ପରେ ମଇ-୨୦୨୩ ଠାରୁ ଅଗଷ୍ଟ-୨୦୨୫ ମଧ୍ୟରେ ପୁନଃବାର ଟ୩,୮୫,୬୪,୮୫୩/-ଙ୍କା ବକେୟା ଥିବାରୁ ତାଙ୍କୁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୪୮୪୩୮ ତା ୨୪.୦୯.୨୦୨୫ ରିଖରେ ଡ଼ିମାଣ୍ଡ୍ ନୋଟିସ୍ କରାଯାଇଥିଲେ ମଧ ନିଗମରେ ଦାଖଲ କରିନାହାଁନ୍ତି । ଏହାକୁ ଦୃଷ୍ଟିରେ ରଖି ଚଳିତ ଚୁକ୍ତିନାମାକୁ ରଦ୍ଦ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:-

ନଥି ନଂ-XXII (L)-33/2017 ଟିପ୍ପଣୀ ୧ ରୁ ୧୩ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧). ପ୍ରସ୍ତାବ ବର୍ଣ୍ଣିତ ସଂସ୍ଥାଙ୍କୁ ଚୂଡ଼ାନ୍ତ ନୋଟିସ୍ (Final Notice) ଦିଆଯିବ । ଉକ୍ତ ଅର୍ଥ ପଇଠ ନକଲେ ତାଙ୍କର ଚୁକ୍ତିପତ୍ର ରଦ୍ଦ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ସଂଖ୍ୟା-୨୦୦୪୭ ତା ୧୦.୧୦.୨୦୨୩ ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମାଂଚଳର ୱାର୍ଡ଼ ନଂ-୧୦ ରେ ଥିବା କଚ୍ଚା ଓ ମେଟାଲ୍ ରୋଡ୍ କୁ ପେଭର୍ ରୋଡ୍‌ରେ ପରିଣତ କରିବା ନିମନ୍ତେ PMU Cell ଏବଂ Engineering-in-charge ଙ୍କ ଦ୍ୱାରା ମିଳିତ କ୍ଷେତ୍ର ପରିଦର୍ଶନ ପରେ "Construction of Pavered Road and Drain in Ward No.-10" (Part-II) ନିମନ୍ତେ ଏକ ବିସ୍ତୃତ ଆକଳନ (detail estimate) ଟ୩,୨୮,୪୩,୪୭୦/- (GST 18% ସହିତ) ଅନୁମୋଦନ କରାଯାଇ ଭୁବନେଶ୍ୱର ମହାନଗର ନିଗମର Notice No.-BMC-EE-Div.-I-35/2024 ତା ୧୬.୦୨.୨୦୨୪ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ଦୁଇ ଜଣ ଠିକାଦାର ଭାଗ ନେଇଥିଲେ । ତନ୍ମଧ୍ୟରୁ ଶ୍ରୀ ପିତବାସ ରାଉତ ସର୍ବନିମ୍ନ ଦରଦାତା ହୋଇଥିଲେ । ଶ୍ରୀ ରାଉତଙ୍କ ଦର ଟ୨,୯୧,୯୭,୨୮୮/- ଯାହାକି ଅଟକଳ ମୂଲ୍ୟ ଠାରୁ (+)4.90% ଅଧିକ ହୋଇଥିବାରୁ

କାର୍ଯ୍ୟାଳୟ ପତ୍ରସଂଖ୍ୟା-୧୯୯୫୩ ତା ୦୭.୦୫.୨୦୨୪ ରିଖ ଅନୁଯାୟୀ ଶ୍ରୀ ପିତବାସ ରାଉତଙ୍କ ସହିତ ବୁଝାମଣା କରାଯାଇ (+)3% ଅଧିକରେ କାର୍ଯ୍ୟ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି ଯାହାର ଦର ଟ୩,୩୮,୨୮,୭୭୪/-(GST 18%) ଅଟେ । କାର୍ଯ୍ୟାଳୟ ପତ୍ରସଂଖ୍ୟା-୫୭୬୬ ତା ୨୬.୦୬.୨୦୨୪ ରିଖ ଅନୁଯାୟୀ ଠିକାଦାର ଆବଶ୍ୟକୀୟ ISD ଜମା କରିଛନ୍ତି । ପୂର୍ବରୁ ଅଟକଳ ମୂଲ୍ୟ ଟ୩,୨୮,୪୩,୪୭୦/- (GST 18% ସମେତ) ଥିଲା, ବର୍ତ୍ତମାନ ଏହି ପ୍ରକଳ୍ପକୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉନ୍ନତି ଯୋଜନା ଅଧିନରେ ଟ୨,୭୮,୩୩,୦୦୦/-( GST 18% ବ୍ୟତୀତ) ବୁକ୍ କରାଯାଇଅଛି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ ଟ୩,୩୮,୨୮,୭୭୪/-ଙ୍କା ଅନୁମୋଦନ କରାଯିବା ସହିତ ବଳକା ରାଶି ଟ ୫୯,୯୮,୭୭୪/-କୁ ଉନ୍ନତି ଫଣ୍ଡରୁ କିମ୍ବା ଅନ୍ୟ କୌଣସି ଫଣ୍ଡରୁ ଭରଣା କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- XXIX-PW-Div.-I-1062/2024 ଟିପ୍ପଣୀ ପୃଷ୍ଠା-୧ ରୁ ୧୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୩).** ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଚୁକ୍ତିଭିତିକ ୧୧ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ୍) ଙ୍କୁ ମୁକ୍ତା ଯୋଜନାରେ କାର୍ଯ୍ୟ କରିବା ନିମନ୍ତେ ନିଯୋଜନ କରାଯାଇଥିଲା । ସେମାନଙ୍କର କାର୍ଯ୍ୟକାଳ ଅବଧି ତା ୨୭.୦୫.୨୦୨୫ ରିଖରେ ସରିଯାଇଥିଲା । କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରୁ ଆଉ ୪ ମାସ (ଜୁନ୍-୨୦୨୫ ରୁ ସେପ୍ଟେମ୍ବର-୨୦୨୫) ପର୍ଯ୍ୟନ୍ତ ସେସମାନଙ୍କୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଆବଂଟିତ ମୁକ୍ତା ଓ ପରିମଳ କାର୍ଯ୍ୟ ସମେତ ବି.ଏମ୍.ସି ର ବିଭିନ୍ନ କାର୍ଯ୍ୟ କରିବା ଜାରି ରଖିଥିଲେ । ଚୁକ୍ତିନାମାର ନବୀକରଣ ନହେବା ଯୋଗୁଁ ସେମାନଙ୍କର ୪ ମାସର ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ଉକ୍ତ ୧୧ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ୍) ଙ୍କ ପ୍ରାପ୍ୟ ପ୍ରଦାନ ନିମନ୍ତେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- XI-PW-Div.-I-51/2023 ଟିପ୍ପଣୀ ପୃଷ୍ଠା-୧୩୯ ରୁ ୧୪୮ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୪).** ଭୁବନେଶ୍ୱର ମହାନଗର ନିଗମର ୟୁନିଟ୍-୪ ଠାରେ ପିପିପି ମୋଡ ରେ ନିର୍ମିତ ଯୌଥ ପ୍ରକଳ୍ପ BMC-Panchadeep Market Complex ନିର୍ମାଣ ସରିଥିଲେ ମଧ ଉକ୍ତ କଂପ୍ଲେକ୍ସ ର ବିଲଡର ଆଜି ପର୍ଯ୍ୟନ୍ତ Occupancy Certificate ନଥିବାରୁ ତାଙ୍କର ଅଂଶଧନ ବିକ୍ରି କରିପାରୁନାହାନ୍ତି । ଏହି କଂପ୍ଲେକ୍ସ ବାବଦରେ concerned Builder BDA Authority ଙ୍କ ଠାରୁ ୨୦୦୦ ମସିହା ଏବଂ ୨୦୧୨ ମସିହା ଏବଂ ଫାଇନାଲ ପ୍ଲାନ ଆପ୍ରୁଭାଲ ୨୦୧୯ ମସିହାରୁ ଆଣିଥିଲେ ମଧ ଏହି ପ୍ଲାନ ଆପ୍ରୁଭାଲ ଦାୟିତ୍ୱ ବି.ଡି.ଏ ଠାରୁ ବର୍ତ୍ତମାନ ବି.ଏମ.ସି ଅଧୀନ କୁ ଆସିଥିବାରୁ ଉକ୍ତ ବିଲଡର BMC Planning Authority ଙ୍କୁ Occupancy Certificate issue କରିବା ପାଇଁ ଅନୁରୋଧ କରିଥିବାରୁ BMC Planner ଏହି Market Complex ବାବଦରେ ବି.ଏମ.ସି ଚୁକ୍ତିନାମା କରିଥିବା ଏରିଆ ୦.୮୮୩ ଡିସିମିଲ ରୁ ଅଧିକ ଜାଗା ଥିବାରୁ ଏହି ସମ୍ବନ୍ଧରେ ସପୋର୍ଟିଙ୍ଗ କାଗଜପତ୍ର ଦାଖଲ କରିବାକୁ ତାଙ୍କର ପତ୍ର ସଂଖ୍ୟା-୨୨୪୮ ତା-୧୫.୦୧.୨୦୨୫ ଅନୁରୋଧ କରିଥିବାରୁ ଏହି ସମ୍ବନ୍ଧରେ ଅତିରିକ୍ତ ଆୟୁକ୍ତ-୧, ଭୁବନେଶ୍ୱର ମହାନଗର ନିଗମ ଙ୍କ ତତ୍ତ୍ୱାବଧାନରେ ପ୍ଲାନିଙ୍ଗ ସେଲ, ବି.ଏମ.ସି. ଏବଂ Executive Engineer-Div-III, ଏବଂ ଉପ ଆୟୁକ୍ତ (ମାର୍କେଟ) ଏବଂ ଉପ ଆୟୁକ୍ତ (ଭୂ-ବିଭାଗ) କୁ ନେଇ ତା-୨୧.୦୩.୨୦୨୫ ରିଖ ଦିନ ଏକ ମିଟିଙ୍ଗ ବସି ଉକ୍ତ ମାର୍କେଟ କମ୍ପ୍ଲେକ୍ସ ର ଅସୁବିଧା ଗୁଡିକୁ ସୁଧାରିବା ପାଇଁ ଉପରୋକ୍ତ ପ୍ରସ୍ତାବ ଆଗତ କରିଅଛନ୍ତି । ଯଥା:-

1. The extra land area i.e. AC 0.801 decimal (out of Plot No.-237) to be allowed in favour of the M/s Panchadeep Builder only for issue of the Occupancy Certificate from the Planning Cell of BMC out of the area of same Plot No.-237.
2. No permanent construction nor any developmental work to be allow in favour of the builder in the above land.
3. The title of record on the above land should be stand in the name of Bhubaneswar Municipal Corporation.

4. A separate agreement shall be signed with the concerned builder for the above purpose only to be issued Occupancy Certificate from the Planning Cell of BMC.
5. The Multilevel Car Parking work to be completed and in operational condtion within 3 months from the date of execution of this "Supplementary Joint Venture Agreement" by the builder.
6. The Builder also to fulfil all the prerequisites/ terms and conditions, as specified by the Planning Section, before issuance of the Occupancy Certificate by BMC.

ଏହି ପ୍ରସ୍ତାବଟି କର୍ପୋରେସନ ମିଟିଙ୍ଗ୍‌ରେ ଆଗତ କରାଯାଇଥିଲା ଏବଂ ରିଜୋଲୁସନ ନଂ-୭(୧୭) ତା-୩୦.୦୫.୨୦୨୫ ରିକର ନିଷ୍ପତି ଅନୁଯାୟୀ ଏହି ସମ୍ବନ୍ଧରେ BMC Legal Retainer ତାଙ୍କ ମତାମତରେ ଜଣାଇଅଛନ୍ତି ଯେ ଉକ୍ତ ବିଲଡର ଙ୍କୁ Occupancy Certificate issue କରାଯିବା ପାଇଁ peripheral development ବାବଦରେ ରହିଥିବା ଅଧିକ ଭୂମି (Land) ଉପରେ ଏକ agreement କରି କେବଳ Occupancy Certificate issue କରାଯାଇପାରିବ ଏବଂ ଉକ୍ତ ବିଲଡର ଏହି ଅଧିକ ଜାଗା (ଏ ୦.୮୦୧ ଡିସିମିଲ) ବାବଦରେ ଏକ undertaking ମହାନଗର ନିଗମରେ ଦାଖଲ କରିବେ ଯେ ଏହି ଯାଗା ଉପରେ କୌଣସି ପ୍ରକାର ର construction କରିପାରିବେ ନାହିଁ ଏବଂ ଏହି ଜାଗା ଉପରେ ବିଲଡର ର କୌଣସି ଅଧିକାର ରହିବ ନାହି, ଏହି ଏଗ୍ରିମେଂଟ ଟି PMU cell ଦ୍ୱାରା ପ୍ରସ୍ତୁତ କରାଯାଇ BMC Legal Retainer ଙ୍କର ମତାମତ ନିଆଯାଇଅଛି । ଏହି ଅତିରିକ୍ତ land ର agreement only for Occupancy Certificate issue କରିବାପାଇଁ ଦିଆଯିବ ।

ଉପରୋକ୍ତ ପ୍ରସ୍ତାବ ଉପରେ କର୍ପୋରେସନଙ୍କ ଅନୁମେଦନ ଏବଂ ଏହାର ଦୃଢୀକରଣ ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ପଠାଇବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :- ନଥି ନଂ- XXXVIII-(Market)-84/2022

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ ବିଲ୍ଡ଼ର୍ କିମ୍ବା ତାଙ୍କର ଉତରାଧିକାରୀ ଏବେ କିମ୍ବା ଭବିଷ୍ୟତରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ କୌଣସି ଅଦାଲତର ଦ୍ୱାରସ୍ଥ ହେବେନାହିଁ ଯଦି ବା ଯିବେ ତେବେ ଆଇନ୍‌ତଃ ଦଣ୍ଡିତ ହେବେ ବୋଲି ସତ୍ୟପାଠ ଦାଖଲ କରିବେ ଏବଂ ଚୁକ୍ତିପତ୍ରରେ ସର୍ତ ରହିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୫). ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜ୍ଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜ୍ଡ଼ି ଅଟକଳ |
|---|---|---|---|
| 1. | Constn. of pavered road and drain from Dumduma Pala Mandap to Plot No.-883/4273 from Kaibalya Vihar Lane No.-II to Plot No.-727/2156/2548, from Madhusudan Nagar Lane-4, Plot No.-6/5 to Plot No.-A-9 & Constn. of pavered road from Kaibalya Vihar Plot No.-736 (pt.) to Plot No.-736 (C) Dumduma in Ward No.-64<br>File No.-XXIX-Div.-II-765/2023 | Rs.3,52,09,402/- | Rs.3,51,21,121/- |

ନିର୍ଦ୍ଧାରଣ-୭(୫). ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ରିଭାଇଜ୍ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା ୨୫୭ (୨) ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷର ଗୃହ ଟିକସ ସମ୍ପୂର୍ଣ୍ଣ ତା ୦୧.୦୪.୨୦୨୬ ରିଖରୁ ତା ୩୦.୦୪.୨୦୨୬ ରିଖ ମଧ୍ୟରେ ପଇଠ କରିବାକୁ ଗ୍ଭହୁଁଥିବା ଟିକସଦାତା ମାନଙ୍କୁ ୫% (ଶତକଡ଼ା ପାଂଚ ପ୍ରତିଶତ) ରିହାତି ମଞ୍ଜୁର କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :- ନଥି ନଂ-XXV (H) Tax-11/2021

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ଗ୍ୟାସ୍ ଏବଂ କାଠ ଆଧାରିତ ଶ୍ମଶାନ ଗୁଡ଼ିକ (ସତ୍ୟନଗର,ଆଇଗିଣିଆ,ଧର୍ମବିହାର ଓ କାଳିମୁଣ୍ଡା) ରେ ଶବଦାହ ସମୟରେ ଆବଶ୍ୟକ ସାମଗ୍ରୀ ଏବଂ ପୂଜା/ ବ୍ରାହ୍ମଣ ସେବା ଗୁଡ଼ିକୁ ଏକ ସ୍ଥାନରୁ (Single Window System) ସହଜ ଭାବରେ ଉପଲବ୍ଧ କରାଇବା ପାଇଁ SQCN ଆହ୍ୱାନ କରାଯାଇଥିଲା । ଏହାଦ୍ୱାରା ସାଧାରଣ ଲୋକଙ୍କୁ ଅସୁବିଧା ନହେବା ସହିତ ଶ୍ମଶାନରେ ସୁଗ୍ଧୁରୂପେ ପରିଚ୍ଳନା ସୁନିଶ୍ଚିତ ହେବ ।

ଏହି ଟେଣ୍ଡର ପ୍ରକ୍ରିୟାରେ ନିମ୍ନଲିଖିତ ୩ ଟି ଏଜେନ୍ସି ଅଂଶଗ୍ରହଣ କରିଥିଲେ ଏବଂ କମିଟି ମାଧ୍ୟମରେ ଏହାର technical & financial ଯାଂଚ୍ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା ।

1. M/s. Dibya Shree Puja Bhandar-ମୋଟ ଦର ଟ୩,୧୯୦/-(GST ବାଦ୍ ଦେଇ)
2. Sandhyarani Naik-ମୋଟ ଦର ଟ୩,୧୯୫/- (GST ବାଦ୍ ଦେଇ)
3. M/s. Maa Satya Kali Puja Varity Store –ମୋଟ ଦର ଟ୨,୨୪୫/- (GST ବାଦ୍ ଦେଇ)

Technical & Financial Bid ଖୋଲିବା ପରେ ଦେଖାଯାଇଥିଲା ଯେ, M/s. Maa Satya kali Puja Varity Store ସର୍ବନିମ୍ନ ଦର ଟ୨,୨୪୫/-(GST ବାଦ୍ ଦେଇ) ଦାଖଲ କରିଛନ୍ତି ଏବଂ ସେ L-1 ବିଡ଼ର୍ ଭାବେ ଚୟନ ହୋଇଛନ୍ତି ।

ଟେଣ୍ଡର କମିଟିର ସୁପାରିଶ ଅନୁଯାୟୀ M/s. Maa Satya kali Puja Varity Store କୁ L-1 ବିଡ଼ର୍ ଭାବେ ଚୟନ କରି ୧ (ଏକ) ବର୍ଷ ପାଇଁ ଶବଦାହ ସମ୍ପର୍କିତ ସାମଗ୍ରୀ ଓ ସେବା ପ୍ରଦାନ କାର୍ଯ୍ୟ ନିମନ୍ତେ Letter of Award (LOA) ଜାରି କରିବା ଏବଂ ଚୁକ୍ତି ସମ୍ପାଦନ କରିବା ପାଇଁ କର୍ପୋରେସନଙ୍କ ବିଚାର :- ନଥି ନଂ- XXXXX-III-1/2025 (Pt.-1) ଟିପ୍ପଣୀ ୧୯ ରୁ ୨୩ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ Solid Waste Management Bye Law-2018, Chapter-XIII Levy of User Fee ଅନୁଯାୟୀ "The Corporation shall levy user fee on the Waste Generators for the Waste Management Services rendered as per the rates given in Schedule-5 and as amended from time to time" ଏବଂ Rule-15 (2) ଅନୁଯାୟୀ "The User Fee so fixed shall be collected from the Waste Generators by the Corporation or the Authorized Agency or Person as may be Authorized by the Commissioner". ଏହା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ର ସମସ୍ତ ମନ୍ଦିର, ମଣ୍ଡପ ଇତ୍ୟାଦି ଗୁଡିକୁ ଯେଉଁଥିରେ Commercial Activities ଯଥା-ଜନ୍ମଦିନ ଉତ୍ସବ, ବାହାଘର ଉତ୍ସବ ଏବଂ ଅନ୍ୟାନ୍ୟ ଉତ୍ସବ ହେଉଛି ସେହିମାନଙ୍କଠାରୁ User Fee Collection ୱାର୍ଡ଼ରେ ନିୟୋଜିତ ହେଉଥିବା ସ୍ୱଚ୍ଛସାଥି, ସ୍ୱଚ୍ଛସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟର ଙ୍କ ଦ୍ୱାରା କରାଯିବାପାଇଁ କର୍ପୋରେସନ ନିର୍ଦ୍ଧାରଣ ନଂ-୭ (୨୭) ତା-୨୬.୧୧.୨୦୨୫ ରିଖରେ ଅନୁମୋଦନ ହୋଇଅଛି, ଯାହା BMC Notification No.-61097 dt.02.12.2025 ରିଖରେ notified ହୋଇଅଛି । ଏହି ଆଧାରରେ ୱାର୍ଡ଼ରେ ନିୟୋଜିତ ହୋଇଥିବା ସ୍ୱଚ୍ଛସାଥି, ସ୍ୱଚ୍ଛସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟର ଙ୍କ ଦ୍ୱାରା User Fee Collection ବାବଦକୁ ପ୍ରୋତ୍ସାହନ ରାଶି ନିମ୍ନ ପ୍ରଣାଳୀରେ ପ୍ରଦାନ କରିବା ପାଇଁ କର୍ପୋରେସନର ବିଚାର ।

୧. ୱାର୍ଡ଼ରେ ୯୦% ଠାରୁ ଅଧିକ User Fee Collection କରାଯାଇଥିଲେ- Total Incentive ୧୫୦୦ ଟଙ୍କା (ମାସକୁ ୫୦୦୦ ହିସାବରେ ୩ ମାସ ଯାହାକି ଜାନୁୟାରୀ ୨୦୨୬ ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ) ପ୍ରଦାନ ।

୨. ୱାର୍ଡ଼ରେ ୭୦% ଏବଂ ଉର୍ଦ୍ଧ୍ୱ User Fee Collection କରାଯାଇଥିଲେ- ୫୦% ପ୍ରୋତ୍ସାହନ ରାଶି ପ୍ରଦାନ ।

ନଥି ନଂ- XXXXX-II-SBAC-188/2024

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୯). ଜନସାଧାରଣଙ୍କ ଦରଖାସ୍ତକୁ ଭିତିକରି ଭୁବନେଶ୍ୱର ମହାନଗର ନିଗମ ରେ ପରିସୀମା ଭୁକ୍ତ ହେବାପାଇଁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୩୭୭୬୯ ତା-୧୩.୦୯.୨୦୨୪ ରିଖରେ ବି.ଡ଼ି.ଓ, ଜଟଣୀ ପତ୍ର ସଂଖ୍ୟା-୩୧୯୦୬ ତା-୨୫.୦୬.୨୦୨୫ ରିଖରେ ବି.ଡ଼ି.ଓ, ବାଲିଅନ୍ତା ଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୪୭୯୪୫ ତା-୨୦.୦୯.୨୦୨୫ ରିଖରେ ବି.ଡ଼ି.ଓ, ଭୁବନେଶ୍ୱର ଙ୍କୁ ଗ୍ରାମସଭା ରିଜୋଲୁସନ ସହିତ ଜନସଂଖ୍ୟା (୨୦୧୧ ଜନଗଣନା) ତଥା ଆର୍ଥିକ ବର୍ଷ ଅନୁଯାୟୀ ଖର୍ଚ୍ଚ ହୋଇଥିବା ବିବରଣୀ ଏବଂ ଅନ୍ୟାନ୍ୟ କାଗଜାତ ଗୁଡିକୁ ଭୁବନେଶ୍ୱର ମହାନଗର ନିଗମ କୁ ପ୍ରଦାନ ନିମନ୍ତେ ପ୍ରେରଣ କରାଯାଇଥିଲା । ତଦନୁଯାୟୀ ଉପରୋକ୍ତ ୩ ଗୋଟି ପଚାଂଯତ ସମିତି କାର୍ଯ୍ୟାଳୟ ସୂଚନା ପ୍ରଦାନ କରିଛନ୍ତି । ଉକ୍ତ ସୂଚନା ମୂତାବକ ୧୪ ଗୋଟି ପଚାଂଯତର ୭୧ ଗୋଟି ଗ୍ରାମକୁ ପରିସୀମା ଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଅଛି । ଏହି୭୧ ଗୋଟି ଗ୍ରାମର ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୭୩୪୮୬ ଥିଲା ଯାହା ବର୍ତମାନର ଜନସଂଖ୍ୟା ୧୨୧୧୯୧ ରହିଅଛି ଏବଂ ଏହି୭୧ ଗୋଟି ଗ୍ରାମରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପାଇଁ ଭୁବନେଶ୍ୱର ପଚାଂଯତ ସମିତି ଦ୍ୱାରା ୨୦, ୮୦, ୫୮, ୩୫୦/- ଙ୍କା ବାଲିଅନ୍ତା ପଚାଂଯତ ସମିତି ଦ୍ୱାରା ୩, ୩୦, ୦୦୦/- ଟଙ୍କା ଓ ଜଟଣୀ ପଚାଂଯତ ସମିତି ଦ୍ୱାରା ଟ.୨, ୨୩, ୬୦, ୦୦୦/-ଙ୍କା (ମୋଟ ୨୩, ୦୭,୪୮,୩୫୦/-ଙ୍କା) ଖର୍ଚ୍ଚ ଆର୍ଥିକ ବର୍ଷ ୨୦୨୩-୨୪ ରେ କରାଯାଇଅଛି । ତେଣୁ ଯଦି ୪୦ ଗୋଟି ଗ୍ରାମକୁ ମହାନଗର ନିଗମ ପରିସୀମା ଭୁକ୍ତ କରାଯାଏ, ତେବେ ଆନୁସଙ୍ଗିକ ସୁବିଧା ଯୋଗାଇବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମକୁ ପ୍ରାୟ ୧୦୮,୦୦,୦୦,୦୦୦/- ଟଙ୍କା ଆର୍ଥିକ ବୋଝ ବହନ କରିବାକୁ ହେବ । ଏହା ଉପରେ କର୍ପୋରେସନର ବିଚାର । ନଥି ନଂ-XIV-Land-9/20 (Pt.) ଟିପ୍ପଣୀ ୧ ରୁ ୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୯). ପ୍ରସ୍ତାବ ବର୍ଣ୍ଣିତ ଗ୍ରାମ ଗୁଡ଼ିକ ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ ପରିସୀମାକୁ ଲାଗିଥିବା ୨୬ ଗୋଟି ଗ୍ରାମ ଯେଉଁଗୁଡ଼ିକ ଉନ୍ନତି ହୋଇଅଛି ସେହି ଗ୍ରାମ ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ ପରିସରଭୁକ୍ତ କରିବା ପାଇଁ ଏବଂ ଉକ୍ତ ଅଂଚଳର ରାସ୍ତା, ନାଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଭିତିଭୂମି ଉନ୍ନତିକରଣ ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥ ଅନୁଦାନ ମଞ୍ଜୁର କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୦).ସ୍ୱାୟତ ଶାସନ ଦିବସ-୨୦୨୫ ର ପାଳନ ଅବସରରେ ଧାର୍ଯ୍ୟ ମୁତାବକ ୧୭୦ ଜଣ ବ୍ୟକ୍ତି ବିଶେଷଙ୍କର ଖାଦ୍ୟ ପେୟ ବାବଦୀୟ ଖର୍ଚ୍ଚ ଟ.୪,୧୦,୦୦୦,୦୦/-ଙ୍କା (ଜିଏସ୍.ଟି ବାଦ୍ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) ଧାର୍ଯ୍ୟ ହୋଇଥିଲା । ଗତ ତା-୦୫.୧୨.୨୦୨୫ ରେ ଉକ୍ତ ଖାଦ୍ୟ ପାନ ବ୍ୟବସ୍ଥା ଓଟିଡିସ ଦ୍ୱାରା ଆୟୋଜନ କରାଯାଇଥିଲା । ଏହି ଖାଦ୍ୟପାନ ବ୍ୟବସ୍ଥା ରେ ପୂର୍ବ ନିର୍ଧାରିତ ୧୭୦ ଜଣ ବ୍ୟକ୍ତି ବିଶେଷ ଠାରୁ ୨୦ ଜଣ ଅଧିକ ବ୍ୟକ୍ତି ଖାଦ୍ୟପାନ କରିଥିଲେ । ଏହି ବାବଦ ସମ୍ପୂର୍ଣ୍ଣ ଅର୍ଥ ଟ.୪,୫୪,୦୦୦/-ଙ୍କା (ଜିଏସ୍ଟି ବାଦ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) ର ଖର୍ଚ୍ଚ ରାଶି ଅନୁମୋଦନ ସଂପର୍କରେ କର୍ପୋରେସନର ବିଚାର । ନଥି ନଂ-XXXIVGS-13/24 ଟିପ୍ପଣୀ ୧୦ ରୁ ୧୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୧).ଭୁବନେଶ୍ୱର ମହନଗର ନିଗମ ଅଧିନରେ ଜାମୁକୋଳିଠାରେ କ୍ରୀଷ୍ଣା ଗୋଶାଳା ରହିଅଛି । ସେହି ଗୋଶାଳାରେ ବୁଲା ଗାଈ, ଗୋରୁମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଗୋଖାଦ୍ୟ, ଔଷଧ ଦିଆଯାଉଅଛି । କ୍ରୀଷ୍ଣା ଗୋଶଳା ରକ୍ଷଣାବେକ୍ଷଣ କାର୍ଯ୍ୟଟିକୁ ସମ୍ପାଦନ କରିବା ପାଇଁ ପିପ୍ୟୁଲ୍ ଫର୍ ଆନିମଲ, ଜଗତସିଂହପୁର ଘରୋଇ ସଂସ୍ଥାଟିକୁ ଦାୟିତ୍ୱ ଦିଆଯାଇଥିଲା ।ଏହି ସଂସ୍ଥାଟିର କାର୍ଯ୍ୟ କରିବାର ଅବଧି ତା ୦୯.୦୧.୨୬ ରିଖ ସୁଦ୍ଧା ଶେଷ ହେବାକୁ ଯାଉଅଛି । ଏଣୁ ଏହି ସଂସ୍ଥାଟିକୁ ୧ ବର୍ଷ ପାଇଁ ଚୁକ୍ତିନାମା ବୃଦ୍ଧି କରିବା ନିମନ୍ତେ କର୍ପୋରେସନଙ୍କ ବିଚାର । ନଥି ନଂ-XXIV-07/2022 ଟିପଣୀ ପୃଷ୍ଠା- ୧ରୁ ୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତାଘାଟ ଭିଡ଼ ନିୟନ୍ତ୍ରଣ, ଜବରଦଖଲ ଅପସାରଣ, ତଦାରଖ, ବାଣିଜ୍ୟ ଲାଇସେନ୍ସ, ଓଡିଶା ବିକାଶ ପ୍ରାଧିକରଣ (ODA) ନିର୍ଦ୍ଦେଶର କାର୍ଯ୍ୟକାରିତା, ସଚେତନତା ଅଭିଯାନ ଏବଂ ସକ୍ରିୟ ଯୋଜନା ପ୍ରଚେଷ୍ଟା ନିମନ୍ତେ ବିଏମ୍‌ସିର ସ୍ୱତନ୍ତ୍ର ନିୟନ୍ତ୍ରଣରେ ଏନ୍‌ଫୋର୍ସମେଂଟ ସ୍କ୍ୱାର୍ଡ ଗଠନ କରାଯାଇ ଏହାର କାର୍ଯ୍ୟକାରୀ ଦାୟିତ୍ୱ ଦକ୍ଷ ଏବଂ ପ୍ରଭାବଶାଳୀ କାର୍ଯ୍ୟକୁ ନିଶ୍ଚିତ କରିବା ନିମନ୍ତେ:

ଦରମା ଏବଂ କର୍ମଚାରୀ ସ୍କ୍ୱାର୍ଡ:-

ଏକ୍ସ ସର୍ଭିସ୍‌ମ୍ୟାନ୍‌ଙ୍କ ନିମନ୍ତେ ଜଣ ପ୍ରତି ମାସକୁ ୩୫, ୦୦୦/- X ୬ ସ୍କ୍ୱାର୍ଡ X ୭ ଜଣ=୧୪, ୭୦, ୦୦୦/-।

ବିଏମ୍‌ସି କର୍ମଚାରୀ ସ୍କ୍ୱାର୍ଡ ଜଣ ପ୍ରତି ମାସକୁ ୨୫, ୦୦୦/- X 2 ଜଣ X 6 ସ୍କ୍ୱାର୍ଡ =୩, ୦୦, ୦୦୦/-।

ମୋଟ ମାସିକ ଦରମା-୧୭, ୭୦, ୦୦୦/-।

ବାର୍ଷିକ ଦରମା ଆକଳନ-୨, ୧୨, ୪୦, ୦୦୦/-।

ଯାନ କ୍ରୟ ଏବଂ ରକ୍ଷଣାବେକ୍ଷଣ:-

ଆବଶ୍ୟକତା କାର୍ଯ୍ୟକ୍ଷମ ଗତିଶୀଳତା ପାଇଁ ୬ଟି ଯାନ (୧୨ ସିଟ୍ ବିଶିଷ୍ଟ)

ପରାମର୍ଶିତ ଯାନ ଫୋର୍ସ ସହରୀ ୧୩ ସିଟ୍ ବିଶିଷ୍ଟ (ପ୍ରାୟ ୧୬ ଲକ୍ଷ ୟୁନିଟ୍)

କ୍ରୟ ମୂଲ୍ୟ-୧୬, ୦୦, ୦୦୦/- X 6 = 96, 00, 000/-

ଇନ୍ଧନ ମୂଲ୍ୟ ଯାନ ପ୍ରତି ମାସିକ୧୫, ୦୦୦/- X ୬ ମାସ =୯୦, ୦୦୦/-; ବାର୍ଷିକ ୧୦, ୮୦, ୦୦୦/-

ରକ୍ଷଣାବେକ୍ଷଣ ଖର୍ଚ୍ଚ ଯାନ ପ୍ରତି ମାସିକ ୫, ୦୦୦/- X ୬ ମାସ =୩୦, ୦୦୦/-; ବାର୍ଷିକ ୩, ୬୦, ୦୦୦/-

ବିବିଧ ଖର୍ଚ୍ଚ:-

ଯୋଗାଯୋଗ ଉପକରଣ ଏବଂ ୟୁନିଫର୍ମ ବର୍ଷକୁ ୫, ୦୦, ୦୦୦/-

ତାଲିମ ଏବଂ ସଚେତନତା ଡ୍ରାଇଭ୍ ବର୍ଷକୁ ୧୦, ୦୦, ୦୦୦/-

ଅପରେସନ ଏବଂ ରକ୍ଷଣା ବେକ୍ଷଣ ପାଇଁ ସମୁଦାୟ ବାର୍ଷିକ ଆନୁମାନିକ ମୂଲ୍ୟ ୩, ୩୭, ୮୦, ୦୦୦/- ଧାର୍ଯ୍ୟ ହୋଇଅଛି।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ବି.ଏମ୍.ସି ର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା ଏନ୍‌ଫୋର୍ସମେଂଟ ଟିମ୍ ଗଠନ ଓ କାର୍ଯ୍ୟକ୍ଷମ ହେବ ଏବଂ ନୂତନ ଟେଣ୍ଡର ମାଧ୍ୟମରେ ଏନ୍‌ଫୋର୍ସମେଂଟ ଟିମ୍ ଗଠନ ହେବା ପର୍ଯ୍ୟନ୍ତ ବି.ଏମ୍.ସି ରେ କାର୍ଯ୍ୟରତ ଏଜେନ୍ସି ମେସର୍ସ ଜଗନ୍ନାଥ ସିକ୍ୟୁରିଟି ଓ ପ୍ଲେସ୍‌ମେଂଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟରତ ରହିବା ନିମନ୍ତେ ଏବଂ ବର୍ଦ୍ଧିତ ସମୟସୀମାକୁ କର୍ପୋରେସନ ରିଜୋଲ୍ୟୁସନ୍ ଜାନୁଆରୀ-୨୦୨୫ ଅନୁସାରେ କାର୍ଯ୍ୟକାରୀ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXXV-(Enforcement)-05/2024(Pt.-I) ଟିପ୍ପଣୀ -୧ରୁ ୪ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୭(୧୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା।

ପ୍ରସ୍ତାବ-୭(୧୩). ଭୁବନେଶ୍ୱର ମହାନଗର ନିଗମ ଅଧିନ ଅଂଚଳରେ ଅବସ୍ଥିତ ସମସ୍ତ ପ୍ରାଇଭେଟ୍ ହାଟ ଗୁଡ଼ିକରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ମହାନଗର ନିଗମ ତରଫରୁ ବିଦ୍ୟୁତ୍ ସେବା, ରାସ୍ତା, ଡ୍ରେନେଜ୍ ଓ ନିୟମିତ ଗାର୍ବେଜ୍ ଲିଫ୍ଟିଂ ସେବା ଯେଗୋଇ ଦିଆଯାଉଛି। ଏହି ସମସ୍ତ ନାଗରିକ ସୁବିଧା ସେବାର ବଦଳରେ, ସମ୍ପୃକ୍ତ ପ୍ରତ୍ୟେକ ବ୍ୟବସାୟୀଙ୍କଠାରୁ ମାସିକ ଭାବେ ଟ.୫୦୦/-ଙ୍କା (ପାଚଂଶହ ଟଙ୍କା) ମାତ୍ର ୟୁଜର ଫିସ୍ ଆଦାୟ କରାଯିବ।

ଯେଉଁ ବ୍ୟକ୍ତିମାନେ ଅନଧିକୃତ (Unauthorized) ବ୍ୟବସାୟୀ ଭାବେ କିମ୍ବା No Parkinmhg Zone/ No Vending Zone ଅଚଂଳରେ ବ୍ୟବସାୟ କରୁଥିବେ, ସେମାନଙ୍କଠାରୁ ଏହି ୟୁଜର ଫିସ ଆଦାୟ କରାଯିବ ନାହିଁ। ବରଂ, ସେମାନଙ୍କୁ ଉକ୍ତ ସ୍ଥାନରୁ ହଟାଇବା ପାଇଁ ଯଥୋଚିତ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

ଏହି ୟୁଜର ଫିସ ସମ୍ପୃକ୍ତ ମଣ୍ଡଳର ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ନିୟମିତ ଭାବେ ଆଦାୟ କରାଯିବ। ଏ ପ୍ରସ୍ତାବ ଅନୁମୋଦନ ସମ୍ପର୍କରେ କର୍ପୋରୋସନଙ୍କ ବିଚାର।

ନଥି ନଂ-XXXVIII-(Market)-34/2025 ଟିପ୍ପଣୀ ୧୦ ଠାରୁ ୧୨ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୭(୧୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା। ଏ ବିଷୟରେ ସଚେତନତା କରାଇବା ପାଇଁ ସର୍ବ ସମ୍ମତିକ୍ରମେ ନଷ୍ପତି ହେଲା।

ପ୍ରସ୍ତାବ-୭(୧୪). ଗୃହ ଏବଂ ନଗର ଉନ୍ନୟନ ବିଭାଗ, Government of Odisha ଙ୍କ Standard Operating Procedure (SOP) ପତ୍ରସଂଖ୍ୟା-୧୩୪୦୮ ତା ୩୦.୦୭.୨୦୧୯ ରିଖ ନିର୍ଦ୍ଦେଶ ମୁତାବକ ଭୁବନେଶ୍ୱର ମହାନଗର ନିଗମ ପ୍ରତ୍ୟେକ ୱାର୍ଡ଼ରେ ଘରୋଇ ଏବଂ ବ୍ୟବସାୟିକ ଅନୁଷ୍ଠାନ ମାନଙ୍କରେ ପରିମଳ ଜନିତ ସଚେତନତା, ବର୍ଜ୍ୟବସ୍ତୁର ପୃଥକୀକରଣ, ବର୍ଜ୍ୟବସ୍ତୁକୁ ବି.ଏମ୍.ସି ସଫେଇ ଗାଡ଼ିକୁ ହସ୍ତାନ୍ତର ଏବଂ ଅନ୍ୟାନ୍ୟ ପରିମଳ ଜନିତ ସଚେତନତା, ବର୍ଜ୍ୟବସ୍ତୁର ପୃଥକୀକରଣ, ବର୍ଜ୍ୟବସ୍ତୁକୁ ବି.ଏମ୍.ସି ସଫେଇ ଗାଡ଼ିକୁ ହସ୍ତାନ୍ତର ଏବଂ ଅନ୍ୟାନ୍ୟ ପରିମଳ ଜନିତ କାର୍ଯ୍ୟରେ ନିୟୋଜିତ କରିବା ପାଇଁ Women Self Help Group (WSHG) ଙ୍କ ମାଧ୍ୟମରେ ସ୍ୱଚ୍ଛସାଥି ୪ ଜଣ ୱାର୍ଡ଼ ପିଛା ଓ ସ୍ୱଚ୍ଛ ସୁପରଭାଇଜର ୧ ଜଣ ୱାର୍ଡ଼ ପିଛା ନିୟୋଜିତ କରିଛନ୍ତି । ବର୍ତ୍ତମାନ ବିଭିନ୍ନ ୱାର୍ଡ଼ରେ ୧୯ ଗୋଟି ସ୍ୱଚ୍ଛସାଥି ଖାଲି ସ୍ଥାନ ଓ ୧୪ ଗୋଟି ସ୍ୱଚ୍ଛ ସୁପରଭାଇଜର ଖାଲି ଅଛି ଯାହାକି ଦୈନିକ ପରିମଳ କାର୍ଯ୍ୟରେ ସମସ୍ୟା ଦେଖାଯାଉଅଛି । ଏଣୁ ଖାଲି ସ୍ଥାନ ଗୁଡ଼ିକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ (Housing & Urban Development Department Government of Odisha) ଅନୁମୋଦନ ପାଇଁ ଅନୁରୋଧ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ-XXXXX-II-SWMPMU-11/2019 (part file)

ନିର୍ଦ୍ଧାରଣ-୭(୧୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୫). ଭୁବନେଶ୍ୱର ମହାନଗର ନିଗମ ସ୍ମାର୍ଟ ଜନପଥର ଶିଶୁଭବନ ଛକ ଠାରୁ ବାଣୀବିହାର ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (BSCL) ଦ୍ୱାରା ନିର୍ମିତ ହୋଇଥିବା Junction Panel Box ଓ ଭେଣ୍ଡିଙ୍ଗ୍ କିଓସ୍କ ଉପରେ Advertisement Hoarding ଲଗାଇବା ନିମନ୍ତେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (BSCL) ତରଫରୁ M/s Metrosign ସଂସ୍ଥାକୁ ଗତ ୨୦୨୧ ମସିହା ଠାରୁ ଅନୁମତି ଦିଆଯାଇଥିଲା । ଇତି ମଧ୍ୟରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (BSCL) ପତ୍ରସଂଖ୍ୟା-୧୩୫୪ ତା ୦୮.୧୦.୨୦୨୫ ରିଖ ମୁତାବକ ଉକ୍ତ Advertisement Hoarding ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (BSCL) ପତ୍ରସଂଖ୍ୟା-୧୬୮୦ ତା ୩୦.୧୧.୨୦୨୫ ରିଖ ଅନୁଯାୟୀ M/s Metrosign ସଂସ୍ଥାକୁ ଉକ୍ତ ହୋର୍ଡ଼ିଙ୍ଗ୍ ଲଗାଇବା କାର୍ଯ୍ୟରୁ Terminate କରିଛନ୍ତି ।

ପ୍ରକାଶ ଥାଉକି, ଉକ୍ତ ସ୍ମାର୍ଟ ଜନପଥରେ M/s Metrosign ସଂସ୍ଥା ଦ୍ୱାରା ଲଗାଯାଇଥିବା Advertisement Hoarding ଯଥା- 12,839 Sq. ft. (8,139 Sq. ft. for Junction Panel Box + 4,700 Sq. ft. for Vending Kiosk) ଅଂଚଳକୁ ଭୁବନେଶ୍ୱର ମହାନଗର ନିଗମ ସାଉଥ୍ ଇଷ୍ଟ୍ ଜୋନ୍ ଅଂଚଳରେ ସରକାରୀ ଜାଗାରେ Advertisement Hoarding ଲଗାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା M/s Ajanta Advertiser ସଂସ୍ଥାକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୫୧୮ ତା ୨୦.୧୨.୨୦୨୫ ରିଖ ମୁତାବକ ଅନୁମତି ଦିଆଯାଇଛି । ଏଥି ନିମନ୍ତେ M/s Ajanta Advertiser ସଂସ୍ଥା ସହ ହୋଇଥିବା ପୂର୍ବ ଚୁକ୍ତିପତ୍ର ମୁତାବକ Media Plan ପ୍ରସ୍ତୁତ କରି କାର୍ଯ୍ୟାଳୟରେ ଦାଖଲ କରିବେ ଓ ଏହାର ଅନୁମୋଦନ ହେବାପରେ Advertisement Hoarding ଲଗାଇ ଉକ୍ତ ଚୁକ୍ତିପତ୍ର ମୁତାବକ Advertisement Display License Fee ଦାଖଲ କରିବେ । ଏହା ଉପରେ କର୍ପୋରେସନଙ୍କ ବିଚାର :- ନଥି ନଂ- XXII-(L)-20/2025

ନିର୍ଦ୍ଧାରଣ-୭(୧୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୬). ଭୁବନେଶ୍ୱର ମହାନଗର ନିଗମ ନିର୍ଦ୍ଧାରଣ ସଂଖ୍ୟା-୭(୧୩) ତା ୧୫.୦୧.୨୦୨୫ ରିଖରେ ପୌର ଚିକିତ୍ସାଳୟକୁ ମାନବ ସମ୍ବଳ ଯୋଗାଇବା ପାଇଁ ପ୍ରତ୍ୟୁଷ ସଂସ୍ଥାର କାର୍ଯ୍ୟକାଳ ତା ୦୨.୦୧.୨୦୨୫ ରିଖ ଠାରୁ ଏକ ବର୍ଷ ବୃଦ୍ଧି କରାଯିବା ପାଇଁ ଅନୁମୋଦନ କରାଯାଇଥିଲା, ଯେହେତୁ ଉକ୍ତ ସଂସ୍ଥାର କାର୍ଯ୍ୟକାଳ ତା ୦୨.୦୧.୨୦୨୬ ରିଖରୁ ସମାପ୍ତ ହୋଇଯିବ ସେଥିପାଇଁ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଉଅଛି । ସ୍ୱଳ୍ପ ସମୟ ଥିବାରୁ ପୌର ଚିକିତ୍ସାଳୟର ସୁପରିଚାଳନା ନିମନ୍ତେ କାର୍ଯ୍ୟର ଜରୁରୀ ଆବଶ୍ୟକତା ଦୃଷ୍ଟେ ଉପରୋକ୍ତ ସଂସ୍ଥାର କାର୍ଯ୍ୟକାଳ ତା ୦୨.୦୧.୨୦୨୬ ରିଖରୁ ତିନି ମାସ ବା ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ଯାହା ପ୍ରଥମେ ହେବ ସେ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ପାଇଁ କର୍ପୋରେସନଙ୍କ ବିଚାର :- ନଥି ନଂ-BMC Hospital-15/2024 ଟିପ୍ପଣୀ-୧ ଠାରୁ ୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୭). ମୁକ୍ତା ଯୋଜନାରେ କ୍ରୟ କରାଯାଇଥିବା ୧୭୦ ଗୋଟି ଜିମ୍ ଏବଂ ପ୍ଲେ ଇକ୍ୟୁପମେଂଟ ତିନୋଟି ମଣ୍ଡଳ ଅଧିନରେ ଥିବା ପାର୍କ ଏବଂ ଅନ୍ୟ ପ୍ରସ୍ତାବିତ ସ୍ଥାନ ଗୁଡ଼ିକରେ ଲଗାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ରର:- ନଥି ନଂ- XXXX-III- Env.-07/2023 ଟିପ୍ପଣୀ-୧ ରୁ ୧୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୮). ଭୁବନେଶ୍ୱର ମହାନଗର ନିଗମ ପାଇଁ ଖାଦ୍ୟ ସେବା ଯୋଗାଇବା ନିମନ୍ତେ ଯଥା:-ରିଫ୍ରେସ୍‌ମେଂଟ, ଟିଫିନ୍ ପ୍ୟାକେଟ୍, ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନ ଭୋଜନ (ଭେଜ୍/ ନନ୍ ଭେଜ୍) ଏବଂ ଷ୍ଟାର୍ଟର ବିଭିନ୍ନ ଇଭେଂଟ୍ ଏବଂ ଦୈନନ୍ଦିନ ମିଟିଙ୍ଗ୍ ଆଦିରେ ଖାଦ୍ୟ ସେବା ପ୍ରଦାନ ପାଇଁ ଏଜେନ୍ସି ଗୁଡ଼ିକ ଟେଣ୍ଡର ପ୍ରକ୍ରିୟାରେ ଚୟନ କରିବା ନିମନ୍ତେ କର୍ପୋରେସନଙ୍କ ବିଗ୍ରର:- ନଥି ନଂ- XXXIV-GS-43/2024 ଟିପ୍ପଣୀ ପୃଷ୍ଠା-୧ ରୁ ୧୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୯). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ଗୃହ ଗୁଡ଼ିକର ନୂତନ ଓ ବର୍ଦ୍ଧିତ ଗୃହ ଗୁଡ଼ିକରୁ ଗୃହ ଟିକସ ଲାଗୁ କରିବା ନିମନ୍ତେ ଏକ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ୫ ଜଣ ଏଜେନ୍ସି ଯଥା:-
1.Ritika Printech Pvt. Ltd.,2-Sri Publication & Stationers (P) Ltd.,3-Sparrow Softech Pvt. Ltd.,4-Ananth Technologies Pvt. Ltd.,5-C.E Info Systems Ltd. (Map my India) ଯୋଗ ଦେଇଥିଲେ । ସେଥି ମଧ୍ୟରୁ Technical evaluation ରେ Ritika Printech Pvt. Ltd. କୁ ବାଦ୍ କରିଦିଆଯାଇଥିଲା ଏବଂ ରହିଥିବା ୪ ଗୋଟି ସଂସ୍ଥା ଯଥା:- 1- Sri Publication & Stationers (P) Ltd. 2-Sparrow Softech Pvt. Ltd. 3-Ananth Technologies Pvt. Ltd. 4- C.E Info Systems Ltd. (Map my India) ମଧ୍ୟରୁ Technical & Financial Presentation କୁ ଭିତି କରି Sparrow Softech Pvt. Ltd., ସଂସ୍ଥାକୁ Highest Score in QCBS method ଦ୍ୱାରା H-1 ଏଜେନ୍ସି ଭାବେ ବିବେଚିତ କରାଯାଇଥିଲା, ଏ ସମସ୍ତ କାର୍ଯ୍ୟ କମିଟି ଦ୍ୱାରା ଯାଂଚ୍ କରାଯାଇଥିଲା । Sparrow Softech Pvt. Ltd. ଅତିରିକ୍ତ ରାଜସ୍ୱ ଆଦାୟ (ଗୃହ ଟିକସ) ଉପରେ ୭.୭୭% ର ବିଡ୍ କରିଛନ୍ତି । ସର୍ତାବଳୀ ଥିଲାକି Sparrow Softech Pvt. Ltd., ସଂସ୍ଥାର କାର୍ଯ୍ୟଧାରାକୁ ୬ ମାସ ଅନୁଧ୍ୟାନ କରାଯିବା ପରେ ଯଦି ଉକ୍ତ ସଂସ୍ଥାର କାର୍ଯ୍ୟ ସନ୍ତୋଷଜନକ ହୁଏ ତାହାହେଲେ ଉକ୍ତ ସଂସ୍ଥାକୁ ପୂର୍ଣ୍ଣ କାର୍ଯ୍ୟ କରିବା ନିମନ୍ତେ ଅନୁମୋଦନ ଦିଆଯିବ । ଏହା ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଗ୍ରର:- ନଥି ନଂ- XXII-(L)-64/2025 ଟିପ୍ପଣୀ ପୃଷ୍ଠା-୪ ରୁ ୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୩.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୩୧.୧୨.୨୦୨୫ ରିଖ